
ଫେବୃଆରୀ ୨୦୧୮
ମୂଲ୍ୟ : ୨୫ ଟଙ୍କା

RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheevoice.in

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ
PRACHEE







**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ

**ସମ୍ପାଦକ :**
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଲିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ତୃତୀୟ ବର୍ଷର ଏକାଦଶ ତମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ରୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ଓଁ 'ପ୍ରାଚୀ'ର କଲମ ୫୦

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲ୍‌ଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍‌ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚି ରହିବା ପାଇଁ .........
- ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

বাস্তবতার পরিপ্রকাশ



ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.-3, February 2018, Issue No. XI
RNI No. : ODIODI/2015/64435
P.R. No. : CK(C)/96/2016-2018



ପ୍ରାଚୀ ପରିବାର :
ଉପଦେଷ୍ଟା :
କୃଷ୍ଣ ପ୍ରସାଦ ଦାସ
ସମ୍ପାଦକ :
ଡ. ବିଭୁଦତ୍ତ ଖଣ୍ଡାୟତରାୟ
ସମ୍ପାଦନା ସହଯୋଗୀ :
ପ୍ରାଚୀ ପ୍ରଯୁକ୍ତା
ସହ ସମ୍ପାଦକ :
ଡ. ନିରୋଦ କୁମାର ମନ୍ତ୍ରୀ
ବନଲତା ସିଂହ
ପରିଚାଳନା ସମ୍ପାଦିକା :
ପ୍ରଜ୍ଞା ପରିମିତା
ଉପସ୍ଥାପନା :
ମମତା ଖଣ୍ଡାୟତରାୟ
ଡିଟିପି :
ମନୋଜ କୁମାର ଦାସ
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
ବିଭୁପ୍ରସାଦ ନାୟକ
ଅଳଙ୍କରଣ :
ବିଜୟ କୁମାର ସାହୁ
ବିଜ୍ଞାପନ ଅଧିକାରୀ :
ରାମଚନ୍ଦ୍ର ବିଶ୍ୱାଳ
ବିତରଣ ଅଧିକାରୀ :
ପ୍ରଦୀପ୍ତ କୁମାର ପାଢ଼ୀ
ମୁଦ୍ରଣ :
ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍
ନୂଆବଜାର, କଟକ - ୪

ପ୍ରାଚୀ ସାହିତ୍ୟ ସମାଜ
ସଭାପତି :
ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ
କାର୍ଯ୍ୟକାରୀ ସମ୍ପାଦିକା:
ଡକ୍ଟର ବିଦ୍ୟୁତ୍‌ପ୍ରଭା ମିଶ୍ର

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ www.pracheevoice.in ରେ ଲଗ୍‌ଇନ୍ କରନ୍ତୁ ।



Declaration
Edited, Published & Owned by :
Dr. Bibhudatta Khandayatray
Niladri Vihar, Cuttack - 4
E-mail :
pracheepatrika@rediffmail.com
Web Site :
www.pracheevoice.in


## ଏଇ ସଂଖ୍ୟାରେ...

### ପ୍ରବନ୍ଧ


- ବୌଦ୍ଧଧର୍ମରେ ତନ୍ତ୍ରର ପ୍ରବେଶ
  ମାନସ କୁମାର ରାଉତ ୦୭


### ଗଳ୍ପ


- ଆହତ ଶୈଶବ
  ନିଶିକାନ୍ତ ପାଢ଼ୀ ୧୧
- ସୃଷ୍ଟି
  ଲୀଳାବତୀ ମହାପାତ୍ର ୧୩
- ଭାଇ ବାଣ୍ଟ
  ଦେବଦତ୍ତ ମିଶ୍ର ୧୫
- ଅମୃତ ଧାରା
  ଗୀତାଞ୍ଜଳି ନାୟକ ୧୭
- ମୁକ୍ତି
  ଜୟଶ୍ରୀ ଦାସ ୨୨
- ଏ ଯୁଗ ସାବିତ୍ରୀ
  ଡକ୍ଟର ପଦ୍ମଲୋଚନ ମହାକୁଡ ୨୩

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mob. : 9124887605
9583390776

# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିସ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ । ଯଥା ସମ୍ଭବ ଚେଷ୍ଟା କରନ୍ତୁ ଲେଖାଟିକୁ ଆକୃତିରେ ଟାଇପ୍ କରି ଦିଅନ୍ତୁ ।**

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..........................................................................

ଠିକଣା ...................................................... ପିନ୍‌କୋର୍ଡ଼ ..................................

ମୋବାଇଲ୍ ନମ୍ବର .......................................... ଇ-ମେଲ୍ ......................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର................................. ତାରିଖ.................................................

ବ୍ୟାଙ୍କ୍............................................ ସ୍ଥାନ.................................................

ତାରିଖ............................................ ଦସ୍ତଖତ...............................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍ ନଂ : ୯୧୨୪୮୮୭୬୦୫, ୯୫୮୩୩୯୦୭୭୬

E-mail : pracheepatrika@rediffmail.com, Web. : www.pracheevoice.in

# ବୌଦ୍ଧଧର୍ମରେ ତନ୍ତ୍ରର ପ୍ରବେଶ

*- ମାନସ କୁମାର ରାଉତ*

ମଧ୍ୟଯୁଗରେ ସଂଗଠିତ ହୋଇଥିବା ଧର୍ମସଂସ୍କାର ଆନ୍ଦୋଳନ ମଧ୍ୟ ସୁଫି ଏବଂ ଭକ୍ତି ବାଦ ସର୍ବାଧିକ ଲୋକପ୍ରିୟ ହୋଇପାରଥିବା ବେଳେ ତନ୍ତ୍ରବାଦ ମଧ୍ୟ ଭାରତରେ ସର୍ବାଧିକ ଉଭୟ ବ୍ରାହ୍ମଣ ଏବଂ ବୌଦ୍ଧଧର୍ମରେ ଜନାଦୃତତା ହୋଇପାରିଥିଲା । ଧର୍ମକ୍ଷେତ୍ରରେ ତାନ୍ତ୍ରିକ ଧର୍ମ ମଧ୍ୟଯୁଗରେ ଧାର୍ମିକ ଆନ୍ଦୋଳନ ମଧ୍ୟରେ ଅନ୍ୟତମ । ଧର୍ମରେ ତନ୍ତ୍ରର ପ୍ରବେଶ ଏବଂ ବିକାଶ ସମ୍ପର୍କରେ ଅନେକ ତନ୍ତ୍ରଗ୍ରନ୍ଥ ଗୁଡିକ ଆଲୋକପାତ କରିଅଛି । ଏହି ଧର୍ମଗ୍ରନ୍ଥ ମଧ୍ୟରେ ଶରଦାତିଳକ, କୁଳାର୍ଣ୍ଣବ, ଯାମଲ, କୁବଜିକାତନ୍ତ୍ର, ପିଙ୍ଗଳାମତ, ଯୋନିତନ୍ତ୍ର ପ୍ରଧାନ ଗ୍ରନ୍ଥ ଭାବେ ବିଚାରକୁ ନିଆଯାଇଥାଏ । ବାସ୍ତବରେ ଦେଖିବାକୁ ଗଲେ ତନ୍ତ୍ରରେ ଧାର୍ମିକ କାର୍ଯ୍ୟକଳାପ ଏବଂ ବୈଦିକ ପରମ୍ପରା ସହିତ ସମାନ ଅଟେ । ଯାହାକି ବୈଦିକ ପରମ୍ପରାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ତାନ୍ତ୍ରିକ ମାନେ ହେଉଛନ୍ତି ଉଭୟ ଶିବ ଏବଂ ଶକ୍ତିର ଉଗ୍ରରୁପ ପରମ ଉପାସକ ।

ଏହି ଧର୍ମର ମୂଳନୀତି ଥିଲା ଯେ, ତାନ୍ତ୍ରିକ ମାନେ ବିଶ୍ୱାସ କରୁଥିଲେ  ବିଶ୍ୱ ବ୍ରହ୍ମାଣ୍ଡ ହେଉଛି ଧାର୍ମିକ ଓ ଆଧ୍ୟାତ୍ମିକ ଶକ୍ତିର ସମ୍ପୁର୍ଣ୍ଣ ପ୍ରକାଶ ଏବଂ ମୁକ୍ତିର ସରଳମାର୍ଗ, ଯାହାକି ମନୁଷ୍ୟର ଅନ୍ତରଆତ୍ମା ବା ଚେତନାକୁ ଜାଗତ କରାଇ ଫଲଗୁଧାରା ପ୍ରବାହିତ କରିଥାଏ । ଯାହାକି ଶିବ ଏବଂ ଶକ୍ତିର ପରିପ୍ରକାଶ ଅଟେ । ଏହି ତନ୍ତ୍ରଧର୍ମରେ ଶିଷ୍ୟ ଅଥବା ଭକ୍ତ ରୂପରେ ସମ୍ମିଳିତ ହୋଇଥାନ୍ତି ସେହି ମାନଙ୍କୁ ଶିକ୍ଷା ଦିଆଯାଇଥାଏ । ତେଣୁ ଏହାକୁ ଇନ୍ଦ୍ରଜାଲ ସହିତ ତୁଳନା କରାଯାଇଛି । ସଂକ୍ଷେପରେ ତନ୍ତ୍ରର ବାଖ୍ୟା କରିବାକୁ ଗଲେ ଏହା ଏକ ପ୍ରାଗାଢିକ ଧାର୍ମିକ ବିଶ୍ୱାସ ସ୍ୱରୁପ ଯାହାକି ବ୍ରାହ୍ମଣ, ଶାକ୍ତଧର୍ମ ଏବଂ ବୈଦ୍ଧଧର୍ମର ପ୍ରବେଶ କରି ଏକ ଅନ୍ତର୍ନିହିତ ସ୍ରୋତର ସୃଷ୍ଟି । ତନ୍ତ୍ର ହେଉଚି ଭାରତୀୟ ଭାବଧାରା କଳା ଧର୍ମର ପରିପ୍ରକାଶ । ତନ୍ତ୍ରର ବିଧିବିଧାନ ମଧ୍ୟରେ ସମସ୍ତ ଧର୍ମର ଆତ୍ମା ପ୍ରକାଶିତ ଯାହାକୁ ତନୁ ଅଥବା ଶରୀର ରୂପରେ ଗ୍ରହଣ କରାଯାଇଛି । ଧର୍ମକୁ ଛାଡି ବିଧିବିଧାନ ନାହିଁ ଏବଂ ଯେଉଁଠି ବିଧିବିଧାନ ରହିଛି ସେଠାରେ ତନ୍ତ୍ର ଏବଂ ମନ୍ତ୍ର ରହିଛି । ତନ୍ତ୍ର ଶବ୍ଦଟି ମୂଳଶବ୍ଦ 'ତନ୍'ରୁ ତ୍ରି ନିଷ୍ପନ ହୋଇ 'ତନୋତି' ବା ତ୍ରାୟତିକୁ ପ୍ରକାଶ କରିଥାଏ । ଯାହାର ଅର୍ଥ ଆତ୍ମାକୁ ଶାରିରୀକ, ମାନସିକ ଯନ୍ତ୍ରଣାରୁ ମୁକ୍ତ କରି ପରମ୍ାଙ୍କ ସହିତ ମିଳିତ ହେବା । ତନ୍ତ୍ର ଶବ୍ଦଟି ମୌଳିକତଃ 'ତନ୍' ଶବ୍ଦରୁ ଆସିଛି । ଏହି ଶବ୍ଦର ଅର୍ଥ ହେଉଛି ପ୍ରସାର କରିବା । କଳିଯୁଗରେ ତନ୍ତ୍ରକୁ ପ୍ରାମାଣିକ ଗ୍ରନ୍ଥ ଭାବେ ଗ୍ରହଣ କରାଯାଇ ପଂଚମ ବେଦ ବୋଲି ବିବେଚନା କରାଯାଉଛି । ଯର୍ଜୁବେଦ ଅନୁସାରେ ତନ୍ତ୍ରରେ ଉଚ୍ଚାରିତ ହେଉଥିବା କେତେକ ଦେଖିବାକୁ ମିଳେ ଯଥା-ଓଁ, ଆମ୍,ସ୍ୱାଧା, ହମ୍, ସ୍ୱାହା, ବସଟ୍, ବାତ୍,ଭଟ୍, ଆଦି । ପରବର୍ତ୍ତୀ ସମୟରେ ଏଥିରେ ପରିବର୍ତ୍ତନ କରଯାଇ ଓଁ, ଆମ୍, ହମ୍, କ୍ରୋମ୍ , ଫଟ୍ ଇତ୍ୟାଦି ହୋଇଛି ।  ଏପରିକି ଦୂରାଗ୍ୟ ରୋଗରୁ ମୁକ୍ତିପାଇଁ କୁହୁକୁ ଏବଂ ମନ୍ତ୍ରର ପ୍ରୟୋଗ କରାଯାଇଛି । ଅର୍ଥବବେଦ ଏବଂ ବୌଦ୍ଧଧର୍ମଗ୍ରନ୍ଥରେ ମଧ୍ୟ ଏଭଳି କେତକ ଶବ୍ଦ ରହିଥିବାର ଦୃଷ୍ଟିଗୋଚର ହୋଇଥାଏ । ଅନ୍ୟପଟରେ ତନ୍ତ୍ର ଶବ୍ଦଟି ବେଦରୁ ଉପତ୍ତି ହୋଇଛି ବୋଲି କୁହାଯାଏ । ଯଦି ନିଜ ମତ ଦେବି ତେବେ ତନ୍ତ୍ର ହେଉଛି ଏକ ଗୃଢ଼ ତତ୍ତ୍ୱ ଭିତ୍ତିକ ଉପସନା ପଦ୍ଧତି ଯେଉଁଥିରେ ଉଗ୍ରରୁପ ଧାରୀ ଦେବାଦେବୀଙ୍କୁ ଆରାଧାନ କରିବାର ମାର୍ଗ ଏବଂ ବରପ୍ରାପ୍ତି ମିଳିବାର ଏକ ବିଶ୍ୱାସ । ଯେଉଁଥିରେ ବଳିପ୍ରଥାକୁ ମଧ୍ୟ ଉପତ୍ତି କରିଅଛି । ଭୂବନଶ୍ୱରରେ ଥିବା ବୈତାଳ ମନ୍ଦିର ନିକଟରେ ରହିଥିବା ଏକ ଖନ୍ଧ(ବଳି ରଖିବା ସ୍ଥାନ) ରହିଛି । ଏହାର ଅଧ୍ୟୟନ କଲେ ସେଠାରେ ବଳି ପଡୁଥିବାର ତଥ୍ୟ ପ୍ରଦାନ କରିବା ସହିତ ମନ୍ଦିର ମାନଙ୍କରେ ମଧ୍ୟ ଏହା ଉପସନା କରାଯାଉଥିବାର ସ୍ପଷ୍ଟ ଅନୁମେୟ ହୋଇଥାଏ ।

ତନ୍ତ୍ରର ବିଭିନ୍ନ ତୁଳନାତ୍ମକ ନାମ ରହିଛି । ଯେପରି ନ୍ୟାୟତନ୍ତ୍ର, ଧର୍ମତନ୍ତ୍ର, ବ୍ରହ୍ମତନ୍ତ୍ର, ଯୋଗତନ୍ତ୍ର, ଏପରିକି ସଂଖ୍ୟା ଦର୍ଶନରେ ମଧ୍ୟତନ୍ତ୍ରକୁ ଶ୍ରେଣୀଭୁକ୍ତ କରାଯାଇଅଛି ।

ପ୍ରସିଦ୍ଧ ବାଖ୍ୟାକାର କୁଲ୍ଲୁକ ଭଟ୍ଟଙ୍କ ମତଅନୁସାରେ ବେଦରେ ଦୁଇପ୍ରକାରର ଶୃତି ରହିଛି । ଗୋଟିଏ ବୈଦିକ ଏବଂ ଅନ୍ୟଟି ତାନ୍ତ୍ରିକ । ବ୍ରାହ୍ମଣଧର୍ମରେ ତାନ୍ତ୍ରିକ ଦେବୀଙ୍କ ପୂଜା ପଂଚ'ମ'କାରରେ କରାଯାଇଥାଏ । ଏହାକୁ ପଂଚତତ୍ତ୍ୱ କୁହାଯାଇଥାଏ । କୁଣ୍ଡଳନୀ ଶକ୍ତିର ଷଡଚକ୍ର (ମୂଳଧାରା, ସ୍ୱାଧିଷ୍ଠାନ, ମଣିପୁର, ଅନାହତ, ବିଶୁଦ୍ଧ ଓ ଆଜ୍ଞା) ଭେଦ କରିବା ପାଇଁ ଏହି ପଂଚ'ମ' କାରର ପୂଜା ଆବଶ୍ୟକ ହୋଇଥାଏ ।

ଆଗମସାର ଅନୁସାରେ

ମଦ୍ୟଂ ମାଂସଂ ତଥା ମୁଦ୍ରା ମୈଥୁନାମବଚ
'ମ'କାର ପଂଚକଂ କୃତ୍ୱା ପୂନର୍ଜନ୍ମ ନ ବିଦ୍ୟତେ ।

ଗୁପ୍ତସାଧନ ତନ୍ତ୍ରରେ

ମଦ୍ୟଂ ମାସଂ ତଥା ମସ୍ୟୋ ମୁଦ୍ରା ମୈଥୁନ ମେବଚ
ପଂଚତତ୍ୱମିଦଂ ଦେବୀ ନିର୍ବାଣ ମୁକ୍ତି ହେତବେ ।
'ମ'କାର ପଂଚକଂ ଦେବୀ ଦେବାନାମପି ଦୂର୍ଲ୍ଲଭମ ।

ଏହାର ଅର୍ଥ ଅଂହଙ୍କାର ନାଶ, ଶରୀର ନିୟନ୍ତ୍ରଣ, ଗୁରୁଚରଣାମୃତ ମଦିରାପାନ କରିବା ତଥା ପରମ ଶିବଙ୍କ ସହିତ ମିଥୁନରତ ହେବ ।

ମହାଯାନ ବୌଦ୍ଧଧର୍ମର ଅନ୍ୟତମ ଶ୍ରେଷ୍ଠ ଗୁରୁଥିଲେ ଅସ୍ୱଙ୍ଗ । ସେଥିଲେ ଯୋଗାଚାର ଦର୍ଶନର ପ୍ରବକ୍ତା । ତାଙ୍କଦ୍ୱାରା ରଚିତ ହୋଇଥିଲା ପ୍ରସିଦ୍ଧ ଗ୍ରନ୍ଥ ସୁତ୍ରାଲୁଙ୍କାର । ଖ୍ରୀଷ୍ଟପୂର୍ବ ୪ର୍ଥ ଶତାବ୍ଦୀରେ ହିନ୍ଦୁଧର୍ମରେ ତନ୍ତ୍ରପୂଜାର ପ୍ରବାଳିକା ହେତୁ ସହଜରେ ସିଦ୍ଧିପାଇଁ ଲୋକମାନେ ଏହି ତାନ୍ତ୍ରିକ ହିନ୍ଦୁ ଧର୍ମଭିମୁଖୀ ହେବାକୁ ଲାଗିଲେ । ଏହାକୁ ଦୃଷ୍ଟିରେ ରଖି ଅସ୍ୱଙ୍ଗ ଯେଉଁ ସୁତ୍ରାଲୁଙ୍କାର ରଚନା କରିଥିଲେ ସେଥିରେ କେତକ ମନ୍ତ୍ର ଏବଂ ଯନ୍ତ୍ର ସର୍ମ୍ପକରେ ଉଲ୍ଲେଖ କରିଥିଲେ । ପରବର୍ତ୍ତୀ ସମୟରେ ଏହି ମନ୍ତ୍ର ଏବଂ ଯନ୍ତ୍ରକୁ ଅଧାରକୁ ନେଇ ବୌଦ୍ଧତନ୍ତ୍ରର ପରିକଳ୍ପନା କରାଯାଇଥିବା ମନେହୁଏ । ଏପରକି ହିନ୍ଦୁମାନଙ୍କ ଭଳି ବୌଦ୍ଧମାନେ ମଧ୍ୟ ତନ୍ତ୍ର ଉପାସନା ପାଇଁ ବଭିନ୍ନ ଦେବାଦେବୀଙ୍କର ସୃଷ୍ଟି କରିଥିଲେ । ଏହି ବୌଦ୍ଧତନ୍ତ୍ର ଦେବାଦେବୀଙ୍କ ମଧ୍ୟରେ କୁରୁକୁଲ୍ଲା, ତାରା, ହେରୁକା, ମାରିଚୀ ଆଦି ରହିଥିବା ବେଳେ ପାର୍ବତୀଙ୍କ ସହିତ ତୁଳନା କରାଯାଉଥିଲା । ପରେ ତାରାଙ୍କୁ ଅବଲୋକିତେଶ୍ୱର ପଦ୍ମପାଣିଙ୍କ ପତ୍ନୀଭାବେ ଉଭା କରି ଅନ୍ୟାନ ଦେବାଦେବୀ ସୃଷ୍ଟି କରାଗଲା । ସେମାନଙ୍କ ମଧ୍ୟରେ ମାତଙ୍ଗୀ, ପିଚାଶୀ, ଯୋଗିନୀ, ଡାକିନୀ ଅନ୍ୟତମ ଭାବେ ପରିଗଣିତ ହେବାକୁ ଲାଗିଲେ । ଏହି ତତ୍ତ୍ୱର ପରିପ୍ରକାଶ ଘଟିଥିଲା ଦେବାଦେବୀ ମାନଙ୍କୁ ସନ୍ତୁଷ୍ଟ କରିବା ବଦଳରେ ଏକ ପ୍ରକାରର ବାଧ କରିବା । ଯାହା ଫଳରେ


AK PHYSICS

Apprise Education, Reprise Innovation

+2 Sc. I CBSE (XI & XII)
JEE (Main & Adv.) I NEET I AIIMS
JIPMER I BHU I KVPY
NTSE I OLYMPIAD I NISER I IISER



SURYALOKA LANE, CHANDI CHHAK, CUTTACK
ARUN KUMAR SINGH (Lect. in Physics), MOB. : 98610 65130

ସିଦ୍ଧି ପାଇଁ ଏକପ୍ରକାରର ବାଧ କରିବା । ଯାହା ଫଳ ସ୍ୱୀରୂପ ସିଦ୍ଧି ପାଇବା ସହଜହେବା ସହିତ ମଳିବା ଏକ ପ୍ରକାରର ନିଶ୍ଚିତତା ବୋଲି ମନେ କରାଯାଉଥିଲା । ଯାହାକି ତନ୍ତ୍ରର ପ୍ରରିପ୍ରକାଶ ଘଟାଇବାରେ ସଫଳ ହେବା ସହିତ ତନ୍ତ୍ର ଏବଂ ମନ୍ତ୍ରକୁ ମିଳିତ କରାଇ ଦେବତାମାନଙ୍କର ଆବାହନ କରିବା ଆରମ୍ଭ ହୋଇଥିଲା । ଏପରକି କେତେକ ଯନ୍ତ୍ର ଆକୃତି କରିବା, ମଣ୍ଡଳ କରି ସେଥିରେ ବିଭିନ୍ନ ସ୍ଥାନରେ ଦେବାଦେବୀଙ୍କୁ ଅବସ୍ଥିତ କରି କୃପାଦୃଷ୍ଟି ଦେବା ପାଇଁ ବାଧ କରାଗଲା । ବୌଦ୍ଧଧର୍ମରେ ଏପରି ଅନେକ ସିଦ୍ଧାନ୍ତ ମଧ୍ୟରୁ ଷଢ଼ଷର ସିଦ୍ଧାନ୍ତ ବିଶେଷ ପ୍ରସିଦ୍ଧ ଲାଭ କରିଥିଲା । ତାନ୍ତ୍ରିକ ବୌଦ୍ଧଧର୍ମର ମୂଳମନ୍ତ୍ରଥିଲା ସର୍ବୋକୃଷ୍ଟ କ୍ଷମତାପ୍ରାପ୍ତ । ବଜ୍ରଜନ୍ମ ପ୍ରାର୍ଥନା ଗୁଡ଼ିକ ତାଙ୍କ ନିକଟରୁ ଉତ୍ପତ୍ତି ହୋଇଛି ବୋଲି ବିବେଚନା କରାଯାଉଥିଲା । ଦେହସୁଖ ଦ୍ୱାରା ଉଭୟ ବୁଦ୍ଧ ଏବଂ ତାରା ହୋଇଯିବାର ବିଶ୍ୱାସ ହୋଇ ଆରମ୍ଭ ହେବା ସହିତ ଏକ ଅଦ୍ୱିତୀୟ ରୂପ ଧାରଣ କରିଥିଲା । ଏହି ତନ୍ତ୍ର ସାଧନାରେ ଏକ ପ୍ରକାର ବନ୍ଧର ଉପଯୋଗ ହେଉଥିଲା । ଏପରକି ରକ୍ତସମ୍ପର୍କ କିମ୍ବା ନିକଟ ସମ୍ପର୍କୀୟ ମାନଙ୍କ ସହିତ ରତିକ୍ରୀଡା କରିବା ପ୍ରଥା ମଧ୍ୟ ପ୍ରଚଳିତ ହେବାରେ ଲାଗିଲା । ସମୟ ସମୟରେ ପଶୁ ମାନଙ୍କ ସହିତ ମଧ୍ୟ ରତିକ୍ରୀଡା ବା ମୈଥୁନରତ ରହିଥିଲା । ଏହି ତନ୍ତ୍ରରେ ଅପ୍ରକୃତିକ ଯୌନକ୍ରିୟା ଏବଂ ଅନୈତିକ କାର୍ଯ୍ୟ କରିବା ପାଇଁ ମଧ୍ୟ ଅନୁମତି ମିଳିଥିଲା । ଏହାକୁ ସୁଧ କରିବା ପାଇଁ ଅନେକ ବିଧିବିଧାନ କର୍ମ କରିବାକୁ ପଡୁଥିଲା । ୪ର୍ଥ ଶତାବ୍ଦୀରେ ରଚିତ ହୋଇଥିବା ମହାଯାନ ସୁତ୍ରାଳାଙ୍କାର ସମ୍ଭୋଗ ଉପରେ ସହଜରେ ସିଦ୍ଧି ମିଳିପାରୁଥିବା କଥା ଉଲ୍ଲେଖ କରାଯାଇଥିଲା ।

ମୈଥୁନସ୍ୟ ପରାବୃତ୍ତେ ବିଭୁବକ୍ତ ଲଭ୍ୟତେ ପରମ
ବୁଦ୍ଧ ସୌଖ୍ୟ ବିହାରଥେ ଦାରାସିଂ କ୍ଲେଶ ଦର୍ଶନେ ।

ବୌଦ୍ଧଧର୍ମଗ୍ରନ୍ଥ 'ମହାଭାଗ'ରେ ଜଣେ ସାଧରଣ ନାଗରିକ ସମ୍ପୂର୍ଣ୍ଣ ପରିବାରର ଅଲୌକିକ ଶକ୍ତି (ଭୋଜବିଦ୍ୟା) ସମ୍ବନ୍ଧରେ ଉଲ୍ଲେଖ ରହିଛି । ଚୂଲ୍ଲ ଭାଗରେ ଉଲ୍ଲେଖ ଅଛି ଯେ, ବୌଦ୍ଧଭିକ୍ଷୁ ମାନେ ଛୋଟଛୋଟ ବେଯୋଡ ହାଡଖଣ୍ଡ ଏବଂ ମଣିଷ ଖପୁରିପାତ୍ରରେ ଅପବିତ୍ର ଜଳ ଧରି ଯାଉଥିଲେ । କିନ୍ତୁ ଏପରିସ୍ଥଳେ ଡଃ ବିନୟତୋଷ ଭଟ୍ଟାଚାର୍ଯ୍ୟ ବୁଦ୍ଧଙ୍କୁ ଜଣେ ଚତୁର ସଂଗଠକର ଆଖ୍ୟାଦେଇ ତାଙ୍କ ଧର୍ମକୁ ଲୋକପ୍ରିୟ କରିବାକୁ କୁହୁକ ବିଦ୍ୟା (ଇନ୍ଦ୍ରଜାଲ) ପ୍ରଣାଳୀର ପ୍ରବେଶ କରାଇଥିଲେ ବୋଲି କହିଛନ୍ତି । ପୁନଶ୍ଚଃ ମୂଳଧର୍ମରେ ସମୃଦ୍ଧି ପାଇଁ ମୁଦ୍ରା, ମନ୍ତ୍ର, ମଣ୍ଡଳ,ଧାରଣୀ, ସମାଧି ଆଦିକୁ ବୀଜ ସବୁ ରହିଥିଲା । ପ୍ରାଥମିକ ଧର୍ମରେ ବୁଦ୍ଧଙ୍କ ସମୟରୁ ଯୋଗ ଏବଂ ସମାଧି ତାନ୍ତ୍ରିକ ଧର୍ମଠାରୁ ଭିନ୍ନ ଥିଲା । ଏମ ସିଲଭାନଲେଭି ଏବଂ ଜି ଟୁସି ବୌଦ୍ଧଧର୍ମରେ ତନ୍ତ୍ରର ପ୍ରବେଶ ଖ୍ରୀଷ୍ଟପୂର୍ବ ୪ର୍ଥ ଶତାବ୍ଦୀରେ ଅସ୍ୱଙ୍ଗଠାରୁ ହୋଇଥିବାର ମତପୋଷଣ କରିଛନ୍ତି । ମହାଯାନ ସୁତ୍ରାଳୁଙ୍କାର ଅନୁସାରେ ମୈଥୁନ ହେଉଛି ପରମ ଆନନ୍ଦ ପ୍ରାପ୍ତିର ମହତ୍ତ୍ୱପୂର୍ଣ୍ଣ ପନ୍ଥା ଏବଂ ପରମବୁଦ୍ଧ ସୁଖ । ପତ୍ନୀଙ୍କୁ ସନ୍ଦେହ ଚକ୍ଷୁରେ ଦେଖିବା ଉଚିତ ନୁହେଁ । ଅସ୍ୱଙ୍ଗ 'ମତ୍ରେୟ ବୁଦ୍ଧଙ୍କ'ଙ୍କୁ ତନ୍ତ୍ର ସହିତ ସଂଯୋଗ କରି ତନ୍ତ୍ରର ଆରମ୍ଭ କରିଥିଲେ । ଅନ୍ୟ ଏକ ପ୍ରସିଦ୍ଧ ତନ୍ତ୍ରଗ୍ରନ୍ଥ ହେଉଛି 'ଗୁହସମାଜତନ୍ତ୍ର' (ଯୋଗ ଏବଂ ମହାଯୋଗତନ୍ତ୍ର) । ଏହା ତାନ୍ତ୍ରିକ ବିଦ୍ୟାଳୟ ପ୍ରଥମ କୃତି ଥିଲା । ଏହା ଉପରେ ମତଦେଇ ଡଃ ବିନୟତୋଷ ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ ବୁଦ୍ଧଙ୍କ ଉପାସନା ପାଇଁ ଚଣ୍ଡାଳ ଝିଅ,ଏବଂ ସୁନ୍ଦରୀ ସ୍ତ୍ରୀଙ୍କ ସହିତ ଦୈହିକ ସୁଖ ମିଳନ କରିବା ଆବଶ୍ୟକ ବୋଲି କୁହାଯାଇଛି ।

ଏହି ସବୁ ଆଲୋଚନାରୁ ସ୍ପଷ୍ଟ ହୁଏ ଯେ, ମହାଯାନର ମନ୍ତ୍ରଯାନ ମତବାଦ ପରିଶେଷରେ ତନ୍ତ୍ରଯାନରେ ପରିଣତ ହୋଇ ବୌଦ୍ଧଧର୍ମରେ ତନ୍ତ୍ରର ଉପସନା କରିବା ପାଇଁ ବଜ୍ରଯାନ, କାଳଚକ୍ରଯାନ ଏବଂ ସହଯଯାନର ଉପତ୍ତି କରିପାରିଥିଲା । ଏହି ତିନିଗୋଟି ମତବାଦ ଓଡିଶାର ଯାଜପୁରରୁ ପ୍ରସାର ଲାଭ କରିଥିଲା । ଏଥିରେ କେତକ ପରିବର୍ତ୍ତନ କରାଯାଇ ତନ୍ତ୍ରର ଆଶାୟୀମତବାଦ ଗୁଡିକୁ ପ୍ରବେଶ କରାଯାଇଥିଲା । ଯେପରିକି ରହସ୍ୟମୟ ସଂଚାରକା, ଭୟ ସଂଚାରକ ମତବାଦର ପ୍ରଚଳନ ଆରମ୍ଭ କରାଯାଇପାରିଥିଲା । ଫଳରେ ଉପାସନା କରିବା ଏବଂ ଆର୍ଶୀବାଦ ପାଇବା ପାଇଁ ମସ୍ତିଷ୍କ ଚାଳନା, ଅଥବା ୭ଦିନ କିମ୍ବା ୩୦ଦିନ ଅନ୍ତରରେ ଅତ୍ୟନ୍ତ ଦୁଇଥର ମୈଥୁନରତ ହେବାର ପ୍ରଚଳନ ଆରମ୍ଭ ହୋଇଥିଲା । ଏଥିସହିତ କୁହୁକ ବିଦ୍ୟାର ପ୍ରସ୍ତୁତି ପ୍ରୟୋଗ ଆଦିର ଅଧିକ ପ୍ରଚଳନ, ପ୍ରସାର କରାଯାଇ ତାହାର ବିକାଶ କରାଯାଇପାରିଥିଲା । ଏହି ତନ୍ତ୍ରଯାନର ମତବାଦ ପାଳନ କରିବା ପାଇଁ ପଢ ଅଭିଚାର ପ୍ରଥା ରହିଥିଲା । ଯଥା-ମାରଣ, ମୋହନ, ସ୍ତମ୍ଭନ,ବିଦ୍ୱେଷଣ । ପଂଚ'ମ' କାର ଯଥା-ମଦ୍ୟ, ମାଂସ,ମସ୍ତ, ମୁଦ୍ରା, ଏବଂ ମୈଥୁନ । କିନ୍ତୁ ଏହାର ମାତ୍ରାଧିକ ବିକାଶ ଫଳରେ ଏହି ଧାରାଟି ସମୟଗର୍ଭରେ ନିଜସ୍ୱ ସତ୍ତା

ହରାଇ ବସିଥିଲା । ଫଳରେ ବୌଦ୍ଧଧର୍ମରବାଣୀ, ମୂଲ୍ୟବୋଧ, ଜ୍ଞାନ, ବିଚାରଧାରା ଏବଂ ସର୍ବପରି ନୈତିକତା ଲୋକମାନଙ୍କ ମନରୁ ଅପସରି ଯିବାକୁ ଲାଗିଲା । କିନ୍ତୁ ପରୋକ୍ଷରେ ନିଜର ସ୍ଥିତ ଜାହିର କରିବାକୁ କେତକ ମହାମନୀଷି ବ୍ରହ୍ମଣଧର୍ମ ଦ୍ୱାରା ଆରମ୍ଭ କରାଯାଇଥିବା ଏହି ତନ୍ତ୍ରବିଦ୍ୟାକୁ ଆଦରିବାକୁ ପଡିଥିବାର ମନେହୁଏ । ଏଥିସହିତ ଅନେକ ସମୟଧରି ଉଭୟ ତନ୍ତ୍ରଧାରାକୁ ପ୍ରଚଳନ କରି ସାମନ୍ତରାଳଭାବେ ଗତି କରିପାରି ନିଜ ଧର୍ମକୁ ଲୋପ ହେବାରୁ ରକ୍ଷା କରିପାରିଥିବାର କୁହାଯାଇପାରେ । ଏଭଳି ତନ୍ତ୍ର ବିଦ୍ୟାର ପ୍ରଚଳନ କରି ବୌଦ୍ଧଧର୍ମ ନିଜକୁ ଲୋକମାନଙ୍କ ପାଖରେ ପଂହଚିପାରିଥିଲା । ଅନ୍ୟପଟରେ ଏମିତ ମନେହୁଏ ଯେପରି ବ୍ରାହ୍ମଣଧର୍ମରେ ବ୍ରାହ୍ମଣ ନିଜ ପରିବାର ବସାଇବା ସହତ ରତିକ୍ରୀଡା, ଧନସମ୍ପତ୍ତିର ଉପଭୋଗ କରିବା ପଦ୍ଧତିକୁ ବୌଦ୍ଧଧର୍ମର କେତକ ପଣ୍ଡିତ ତଥା ଭିକ୍ଷୁ ମାନଙ୍କ ଏଥିପ୍ରତି ଲାଳସାହିଁ ଏହାର ପ୍ରତିଷ୍ଠା କରିପାରିବାରେ ସକ୍ଷମ ହୋଇଥିଲେ । ତେବେ ସେ ଯାହାବି ହେଉ ଏହି ନୂତନତନ୍ତ୍ରଧାରାର ପ୍ରବେଶ ଏବଂ ପ୍ରୟୋଗ କରାଇ ବୌଦ୍ଧଧର୍ମ ବ୍ରାହ୍ମଣ ଧର୍ମର ମୁଖ୍ୟପ୍ରତିଦ୍ୱନ୍ଦୀ ଭାବରେ ନିଜକୁ ଉପସ୍ଥାପନା କରାଇ ଅନେକ କାଳ ପର୍ଯ୍ୟନ୍ତ ନିଜ ଧର୍ମର ସ୍ଥିତି ଜାହିରି କରିପାରିଥିଲା ।

ଗବେଷକ ରେଭେନ୍ସା ବିଶ୍ୱବିଦ୍ୟାଳୟ
କଦଳା(ହରିଦାସପୁର) ଧର୍ମଶାଳା, ଯାଜପୁର,
ମା- ୯୪୩୭୮୧୯୭୩୫



# ଆହତ ଶୈଶବ

- *ନିଶିକାନ୍ତ ପାଢ଼ୀ*

ଆଜି ସରଳ, ନିଷ୍ପାପ ଶିଶୁର ଆଖିରେ ଲୁହ । ଦୁନିଆକୁ ଚିହ୍ନିବା ପୂର୍ବରୁ ତଥା ଜୀବନକୁ ବୁଝିବା ପୂର୍ବରୁ ପେଷି ହୋଇଯାଉଛି ସେ ଆଜି ଯନ୍ତ୍ରଣା ଓ ଦୁଃଖର ଚକ ତଳେ । ଆଜିର ଶିଶୁ ଆସନ୍ତାକାଲିର ଭାବୀ ନାଗରିକ । ସେ ଦେଶ ଓ ସମାଜର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଏକକ । ଦେଶ, ସମାଜ ତଥା ପରିବାରର ଭାଗ୍ୟ, ଭବିଷ୍ୟତ ତା' ଉପରେ ନ୍ୟସ୍ତ । ହେଲେ ଦେଶର ଶିଶୁମାନେ ଆଜି ଅବହେଳିତ, ଉପେକ୍ଷିତ ତଥା ନିର୍ଯ୍ୟାତିତ । ଯେଉଁ ବୟସର ଶିଶୁଟିଏ ବାଲି ଉପରେ ଘର କରେ, ମାଟି ଉପରେ ଖେଳେବୁଲେ, ନାଚେ ଓ କୁଦେ, ବାପା ମା'ଙ୍କ ପାଖରେ ଅଝଟ ହୋଇ ଅଳି କରେ । ସେହି ବୟସରେ ଶିଶୁ ହାତରେ ଆଜି କୋଦାଳ, କାଙ୍କ, କଙ୍କୁରୀ ଆଉ କୁରାଢ଼ି, ସେହି ଶିଶୁର ପିଠିରେ ଆଜି ତତଲା ଲୁହାର ଚେଙ୍କ । ଶିଶୁଟିଏ ପ୍ରତିବାଦ କରିପାରେନି ବୋଲି ତାର ଶୈଶବକୁ ଆଜି ଆମ ସମାଜରେ ବ୍ଲାକ୍ ମେଲିଂ କରାଯାଏ । ତା'ର ଶ୍ରମର ଉଚିତ ମୂଲ୍ୟାୟନ କରାଯାଏନା । ତାର ଭାଗ୍ୟ ଓ ଭବିଷ୍ୟତ ପ୍ରତି କେହି ବି ଧ୍ୟାନ ଦିଏନା । ଶିଶୁମାନେ ଆଜି ହୋଟେଲ, କାରଖାନା, ଗ୍ୟାରେଜ୍ ତଥା ଚା ଓ ପାନ ଦୋକାନମାନଙ୍କରେ ଦିନରାତି ଖଟୁଛନ୍ତି । ବିଶେଷକରି ଦରିଦ୍ର ପରିବାରର ଶିଶୁମାନେ ଦାରିଦ୍ର୍ୟର କଷାଘାତରେ ନିଷ୍କେସିତ ହୋଇ ଘର ଦ୍ୱାର ଛାଡି ଶିଶୁ ଶ୍ରମିକ ସାଜି ନିଜର ବହୁମୂଲ୍ୟ ଜୀବନକୁ ନଷ୍ଟକରି ପକାଉଛନ୍ତି । ଯେଉଁ ପରିବାର ମଧ୍ୟରେ ବାପା ମା' ଉଭୟ ରୁଗ୍ଣ ତଥା କାମ କରିବାକୁ ଅକ୍ଷମ, ସେହି ପରିବାରର ଶିଶୁମାନେ ପର ଘରେ ବାସନ ମାଜି ବାପା ମା' ଙ୍କୁ ଦାନା ଯୋଗାଉନ୍ତି । ତା'ଛଡା ଶିକ୍ଷା ଓ ସଂସ୍କାର ନ ଥିବା ପରିବାରମାନଙ୍କରୁ ଶିଶୁମାନେ ଯାଇ ସହର ଓ ବଜାରରେ ଜରି ଗୋଟାଉଛନ୍ତି । ବସ୍ତିମାନଙ୍କରେ ବସବାସ କରୁଥିବା ଗରୀବ ଶ୍ରେଣୀର ଲୋକମାନେ ଶିଶୁକୁ ପଇସା ରୋଜଗାର କରିବା ପାଇଁ ତାଗିଦ୍ କରୁଛନ୍ତି । ଫଳରେ ବସ୍ତିର ଶିଶୁମାନେ ରେଲୱେ ପ୍ଲାଟ୍‌ଫର୍ମରେ, ବସ୍ ଷ୍ଟାଣ୍ଡରେ, ଟ୍ରାଫିକ୍ ଛକମାନଙ୍କରେ ତଥା ମନ୍ଦିର, ମସଜିଦ୍ ଓ ଚର୍ଚ୍ଚ ପାଖରେ ଭିକ ମାଗୁଛନ୍ତି । ଶିଶୁମାନଙ୍କର ସୁରକ୍ଷା ପାଇଁ ଆଇନ ଗଢାଯାଇଥିଲେ ମଧ୍ୟ ଆଇନର ଆଢୁଆଳରେ ଶିଶୁମାନଙ୍କୁ ଶ୍ରମିକ ସଜାଇ ସେମାନଙ୍କୁ ନିର୍ଯ୍ୟାତନା ଦିଆଯାଉଛି । ତେବେ ସରକାରଙ୍କ ପକ୍ଷରୁ ଏ ଦିଗ ପ୍ରତି ଗଭୀର ଧ୍ୟାନ ଦିଆଯାଉ ନାହିଁ କି ଶିଶୁ ନିର୍ଯ୍ୟାତନାର ତନାଘନା ତଦନ୍ତ ବି ହେଉନାହିଁ । ଯେଉଁ ଗରିବ ଶିଶୁମାନେ ପାଠପଢାରୁ ବଂଚିତ ହେଉଛନ୍ତି, ସେମାନଙ୍କୁ ସରକାର ତଥା ଏ ସମାଜ ସାହାଯ୍ୟ ସହଯୋଗର ହାତ ବଢାଇବା ଉଚିତ । ଅନାଥ ଶିଶୁମାନଙ୍କର ଥଇଥାନ ପାଇଁ ଅନାଥାଶ୍ରମମାନ ଖୋଲା ଯାଇଥିଲେ ମଧ୍ୟ ସେଠାରେ ଶିଶୁର ସ୍ମୃତି, ସ୍ୱାସ୍ଥ୍ୟ, ଶିକ୍ଷା ଓ ଭବିଷ୍ୟତ ପାଇଁ କି ପ୍ରକାର ଯୋଜନା କାର୍ଯ୍ୟକାରୀ ହେଉଛି, ସେ ଦିଗରେ ସରକାରୀ ତଦନ୍ତ ହେବା ଖୁବ୍ ଜରୁରୀ ମନେହୁଏ । ଶିଶୁମାନଙ୍କର ଉନ୍ନତି ପାଇଁ ଅନେକ ଏନ୍‌ଜିଓ, ସ୍ୱେଚ୍ଛାସେବୀ ସଂଘ ତଥା କ୍ଲବ୍ ବିଭିନ୍ନ ସଂସ୍ଥାରୁ ଆର୍ଥିକ ଅନୁଦାନ ପାଉଛନ୍ତି, ହେଲେ ସେ ସବୁ ପ୍ରକୃତରେ ଶିଶୁମାନଙ୍କର ବିକାଶ ପାଇଁ ବିନିଯୋଗ କରାଯାଉଛି ନା ଅଧିକାରୀମାନେ ଆତ୍ମସାତ୍ କରୁଛନ୍ତି, ସେ ଦିଗରେ ବିହିତ ପଦକ୍ଷେପ ନେବା ଖୁବ୍ ଜରୁରୀ ଅଟେ । ଯେଉଁ ଦେଶରେ ଶିଶୁମାନେ ଅବହେଳିତ, ଶୋଷିତ ସେ ଦେଶର ପ୍ରଗତି ଓ ସମୃଦ୍ଧି କେବେ ଆଗକୁ ଆଗେଇ ପାରିବ ନାହିଁ । ଭାରତବର୍ଷର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ୍ ନେହେରୁ ଶିଶୁମାନଙ୍କୁ ଭଲ ପାଉଥିଲେ । ସେ ଶିଶୁମାନଙ୍କ ଭିତରେ ଭାରତବର୍ଷର ପ୍ରଗତି ଓ ସମୃଦ୍ଧିକୁ ଲକ୍ଷ୍ୟ କରିପାରିଥିଲେ । ଶିଶୁମାନଙ୍କର ବିକାଶ ଦିଗରେ ସେ ଅନେକ ସଂସ୍କାରମୂଳକ କାମ କରିଯାଇଛନ୍ତି । ନିଜ ଜନ୍ମ ଦିବସକୁ ଶିଶୁ ଦିବସ ରୂପେ ପାଳନ କରିବାକୁ ପରାମର୍ଶ ଦେଇ ଶିଶୁମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ ଓ ଭବିଷ୍ୟତ ଉପରେ ଗୁରୁତ୍ୱ ଦେବା ପାଇଁ ମଧ୍ୟ କହିଛନ୍ତି । ଶିଶୁ ହସିଲେ ଦୁନିଆ ହସିବ । ଅବହେଳିତ, ରୁଗ୍ଣ ତଥା ମାନସିକ ଅନଗ୍ରସର ଶିଶୁମାନଙ୍କୁ ନେଇ କେବେ ଗୋଟିଏ ସୁସ୍ଥ, ଆଦର୍ଶ, ସମୃଦ୍ଧ ଭାରତବର୍ଷ ଗଠନ କରାଯାଇପାରିବ ନାହିଁ । ଶିଶୁମାନେ ମାଟି ପିତୁଳା ସଦୃଶ ।

ସେମାନଙ୍କୁ ଆମେ ଯେମିତି ଗଢିବା ସେମାନେ ଭବିଷ୍ୟତରେ ସେମିତି ମଣିଷ ହୋଇପାରିବେ । ଧରମା, ବାଜି ରାଉତଙ୍କର ଇତିହାସ ଆଜି ବିଶ୍ୱ ବିଦିତ । ପୁରାଣ ପୃଷ୍ଠାର ଧୃବ, ପ୍ରହ୍ଲାଦଙ୍କର କଥା ମଧ୍ୟ ଆମେ ଶୁଣିଛେ । ଆଜିର ସମାଜରେ ଆର୍ଥିକ ସ୍ୱଚ୍ଛଳ ପରିବାର ତଥା ସଭ୍ୟ ଓ ଶିକ୍ଷିତ ପରିବାର ଗୁଡିକରେ ମଧ୍ୟ ଶିଶୁମାନଙ୍କୁ ଅବହେଳିତ ଭାବେ ବଢାଯାଉଛି । ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଶିଶୁମାନଙ୍କୁ ନାମୀଦାମୀ ସ୍କୁଲରେ ପାଠ ପଢାଯାଉଛି । କିନ୍ତୁ ଶିଶୁଠାରେ ଆଦର୍ଶ ସୁଲଭ ଗୁଣ ଦେଖିବାକୁ ମିଳୁନି । ଶିଶୁଟିଏ ସଂସ୍କାର ଶିଖୁନି କି ଚରିତ୍ର ଗଠନ ପ୍ରତି ମଧ୍ୟ ଧ୍ୟାନ ଦେଉ ନାହିଁ । ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରି ବିଳାସପୂର୍ଣ୍ଣ ଜୀବନ ଅତିବାହିତ କରିବାର ସ୍ୱପ୍ନରେ ଆଜିର ଶିଶୁମାନେ ମସ୍‌ଗୁଲ ହେଉଛନ୍ତି । ବୟଃପ୍ରାପ୍ତ ହୋଇ ନ ଥିଲେ ମଧ୍ୟ ଦୂରଦର୍ଶନ ଓ ସିନେମାରୁ ବିଭିନ୍ନ ଅଶ୍ଳୀଳ ତଥା ଅପରାଧମୂଳକ ଦୃଶ୍ୟ ଦେଖି ଶିଶୁମାନେ ନିଜକୁ ଅନୁରୂପ ଶୈଳୀରେ ଗଢିବାକୁ ଇଚ୍ଛା କରୁଛନ୍ତି । ଫଳରେ ଶିଶୁମାନେ ସାଧାରଣ ଜୀବନ ଧାରାରେ ଅଶ୍ଳୀଳ ନାଚଗୀତ, ଅଶୋଭନୀୟ ଆଚରଣ, ବିକୃତ ଅଙ୍ଗଭଙ୍ଗୀ, ଅଭଦ୍ର ଭାଷାରେ କଥୋପକଥନ କରୁଛନ୍ତି । ସଭ୍ୟ, ଶିକ୍ଷିତ ତଥା ଭଲ ପାଠ ପଢୁଥିବା ଶିଶୁମାନେ ମଧ୍ୟ ଆଜି ଆଦର୍ଶ ଚରିତ୍ର, ଶୃଙ୍ଖଳା, ପରିମାର୍ଜିତ ବ୍ୟବହାର, ଶୁଦ୍ଧଭାଷା ଶିଖିପାରୁ ନାହାନ୍ତି । ଏ ପ୍ରକାର ଶିଶୁମାନେ ଆମଦେଶ, ଜାତି, ପରିବାର ତଥା ସଂସ୍କୃତି ପାଇଁ ଭବିଷ୍ୟତରେ କିଛି ବି ଉନ୍ନତି ଆଣିପାରିବେ ନାହିଁ । ତେବେ ଏ ଦିଗରେ ସଂସ୍କାର ଆଣିବା ପାଇଁ ପରିବାରବର୍ଗ ଶତଚେଷ୍ଟା କରିବା ଉଚିତ । ଆଧୁନିକତାରେ ଫସି ଯିବା ଆମର ଆଦର୍ଶ ନୁହେଁ । ନୋବେଲ୍ ବିଜେତା କୈଳାସ ସତ୍ୟାର୍ଥୀ ଭାରତବର୍ଷରେ ଶିଶୁମାନଙ୍କର ଉନ୍ନତି ପାଇଁ କାମ କରୁଛନ୍ତି । ଯେଉଁଥି ପାଇଁ ସେ ଆଜି ବିଶ୍ୱ ଦରବାରରେ ସର୍ବୋଚ୍ଚ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି । କିନ୍ତୁ, ଶିଶୁମାନଙ୍କୁ ସୁରକ୍ଷା ଯୋଗାଇ ଦେବା ତଥା ଶିଶୁମାନଙ୍କର ଶିକ୍ଷା ଓ ସ୍ୱାସ୍ଥ୍ୟର ଯତ୍ନ ନେବା ପାଇଁ ସମାଜରେ ସଚେତନତା ସୃଷ୍ଟି ହେବା ଆବଶ୍ୟକ । ସମର୍ଥ ତଥା ଆର୍ଥିକ ସ୍ୱଚ୍ଛଳ ବ୍ୟକ୍ତିମାନେ ତ୍ୟାଗ ଓ ସେବାର ମନ ଓ ହୃଦୟ ନେଇ ସହଯୋଗର ହାତ ବଢାଇଲେ ଅବହେଳିତ ଶିଶୁମାନଙ୍କର ଅନେକ ଉନ୍ନତି ସାଧନ ହୋଇପାରନ୍ତା ।

ବର୍ତ୍ତମାନ ସମୟରେ ଦେଶରେ ଶିଶୁ ଶ୍ରମିକ ସମସ୍ୟା ବର୍ଷକୁ ବର୍ଷ ବୃଦ୍ଧି ପାଇବାରେ ଲାଗିଛି । ସରକାରୀ ସ୍ତରରେ ବିଭିନ୍ନ ଯୋଜନାମାନ ଗଢାଯାଇଛି । ଶିଶୁମାନଙ୍କ ପାଇଁ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଶିଶୁମାନଙ୍କର ଉପସ୍ଥାନ ଆଶାଜନକ ହୋଇପାରୁ ନାହିଁ । କଡା ଆଇନ ପ୍ରଚଳନ ହୋଇଥିଲେ ମଧ୍ୟ ଅଠର ବର୍ଷରୁ କମ୍ ବୟସ ଶିଶୁମାନେ ଧନୀ ଘରେ, ଗ୍ୟାରେଜ୍ ହୋଟେଲମାନଙ୍କରେ କାମ କରୁଛନ୍ତି । ଶିକ୍ଷା ସଂସ୍କୃତିହୀନ ରୁଗଣ ଶିଶୁମାନେ ନାଳ ନର୍ଦ୍ଦମା ଖେଳାଇ କରି ଓ ଭଙ୍ଗାକାଚ ସଂଗ୍ରହକରି ତାକୁ ବିକି ଦି' ପଇସା ରୋଜଗାର କରୁଛନ୍ତି । ତେବେ ମୋଟା ମୋଟି ଭାବେ ଦେଖିବାକୁ ଗଲେ ଖୁବ୍ କମ୍ ବୟସରୁ ପଇସା ରୋଜଗାର କରିବାର ଆବଶ୍ୟକତା ତଥା ଲୋଭକୁ ନେଇ ଶିଶୁମାନେ ଶ୍ରମିକ ସାଜୁଛନ୍ତି । ଗୋଟିଏ ସୁନ୍ଦର ସୁନେଲି ଭବିଷ୍ୟତ ଗଢିବା ବଦଳରେ ଶିଶୁମାନେ ଦାଦନ ଖଟୁଛନ୍ତି । ତେବେ ବାଟ ହୁଡୁଥିବା ଏହି ଶିଶୁମାନଙ୍କୁ ଉଚିତ ପଥ ପ୍ରଦର୍ଶନ କରିବା ପାଇଁ ଏ ସମାଜ ଆଗେଇ ଆସିବା ଉଚିତ । ଶିଶୁମାନଙ୍କର ଉପଯୁକ୍ତ ଯତ୍ନ ନିଆଗଲେ ସେମାନେ ଭବିଷ୍ୟତରେ ସୁନାଗରିକ ହୋଇ ଓ ଦେଶ ଓ ସମାଜର ନାଁ ରଖିବେ । ତାଛଡା ସଭ୍ୟ ଶିକ୍ଷିତ ପରିବାର ମଧ୍ୟରେ ସମସ୍ତ ପ୍ରକାର ସୁବିଧା ପାଇ ମଧ୍ୟ ଶିଶୁର ଚାରିତ୍ରିକ ବିକାଶ ହୋଇପାରୁ ନାହିଁ । ଏଥିପ୍ରତି ପିତାମାତାମାନେ ଧ୍ୟାନ ଦେବା ଆବଶ୍ୟକ । ଅତ୍ୟଧିକ ବାତ୍ସଲ୍ୟ, ମମତା, ସ୍ନେହ ତଥା ମୋହର ଆଢୁଆଳରେ ଶିଶୁକୁ ପରିବାରବର୍ଗ ଚରିତ୍ର ଗଠନ ତଥା ଶୃଙ୍ଖଳା ଶିଖାଇବା ଆବଶ୍ୟକ । ନଚେତ୍ ଖାଲି ପରିବାର ନୁହେଁ, ଆମର ଏ ଦେଶ ଓ ସମାଜ ଦିନେ ସୁନାଗରିକ ବିନା ଧ୍ୱଂସମୁଖୀ ହୋଇଉଠିବ । ଆଜି ଏ ଦେଶ ଓ ସମାଜରେ ଯାହାକିଛି ମନୁଷ୍ୟକୃତ ଘଟଣା ଓ ଦୁର୍ଘଟଣା ଘଟୁଛି, ତାହା କେବଳ ମାନବୀୟ ଚେତନାର ପ୍ରତିଫଳନ । ଶିଶୁମାନେ ଯଦି ଅପରିପକ୍ୱ ବୟସରୁ ନିଜର ମୂଳଦୁଆ ନ ପଡିବେ ତେବେ ପରିପକ୍ୱ ବୟସରେ ସେମାନେ ଦେଶ, ସମାଜ, ପରିବାର ତଥା ନିଜ ପିତାମାତାଙ୍କର ମଧ୍ୟ ଉପଯୁକ୍ତ ଯତ୍ନ ନେଇ ପାରିବେ ନାହିଁ । ଶିଶୁମାନଙ୍କର ବିକାଶରେ ଏ ଦେଶର ବିକାଶ ଓ ସମାଜର ବିକାଶ ।

ନନ୍ଦିଗ୍ରାମ, ନାଉଗାଁ ହାଟ, ଜଗତସିଂହପୁର

# ସୃଷ୍ଟି

*- ଲୀଳାବତୀ ମହାପାତ୍ର*

୧୪ ନଭେମ୍ବର ଶିଶୁଦିବସ ଦିନ ସୃଷ୍ଟି ବିଦ୍ୟାଳୟରୁ ଫେରିଲା ପରେ ସିଧା ତା ପଢ଼ାଘର ଭିତରକୁ ଦୌଡ଼ିଗଲା । ତା'ବାପାଙ୍କ ସମ୍ମୁଖରେ ପାଇଥିବା ପୁରସ୍କାର ଗୁଡ଼ିକୁ ଗୋଟି ଗୋଟି କରି ରଖି ସେ କେଉଁ ପୁରସ୍କାର କେଉଁ ବିଷୟରେ ପାଇଛି ତାହା ବର୍ଣ୍ଣନା କିର ନିଜେ ନିଜେ ତାଳି ମାରି ନାଚି ଉଠୁଥିଲା ।

ସସ୍ମିତା ସୃଷ୍ଟିକୁ ଖୋଜିଖୋଜି ତା ପଢ଼ାଘର ସମ୍ମୁଖରେ ପହଞ୍ଚିବା କ୍ଷଣି ସୃଷ୍ଟିର ବ୍ୟବହାର ଦେଖି ସ୍ତବ୍ଧହୋଇ ଛିଡ଼ା ହୋଇ ପଡ଼ିଲେ । କିଛି କ୍ଷଣ ପରେ ନିଜକୁ ପ୍ରକୃସ୍ଥିତ କରି ସୃଷ୍ଟି ପାଖକୁ ଦୌଡ଼ିଯାଇ ତାକୁ କୁଣ୍ଢେଇ ଧରି କାନ୍ଦି ଉଠିଲେ । ତା' ମୁଣ୍ଡକୁ ଆଉଁସି ଆଉଁସି କହିଲେ ମାଁ ପାପା ଆଉ ଏ ଦୁନିଆରେ ନାହାଁନ୍ତି, ସେ ଆମକୁ ଛାଡ଼ି ବହୁ ଦୂରକୁ ଚାଲିଯାଇଛନ୍ତି ।

ସୃଷ୍ଟି ସସ୍ମିତାକୁ କହିଲା-ମାମା ତମେ ତ କହିଥିଲ ପାପା ତାରା ହୋଇ ମୋତେ ସବୁ ସମୟରେ ଦେଖୁଛନ୍ତି । ସେ ଏବେ ବି ଅଛନ୍ତି ମାମା, ତାଙ୍କରି ପ୍ରେରଣା ପାଇ ତ ଆଜି ମୁଁ ଏତେ ଆଗେଇ ପାରିଛି । ଏତେ ସମ୍ମାନର ଅଧିକାରୀ ହୋଇଛି । ମାମା ଜାଣିଛ ଆଜି ଆମ ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଛନ୍ତି ଯିଏ ମେଟ୍ରିକ୍ ପରୀକ୍ଷାରେ ଓଡ଼ିଆ ଭାଷାରେ ଭଲ କରିବ ତାକୁ ପୁରସ୍କୃତ କରିବା ସଙ୍ଗେସଙ୍ଗେ ଶିକ୍ଷକ ଓ ବାପା ମାଁ ଙ୍କୁ ମଧ୍ୟ ପୁରସ୍କୃତ କରିବେ । ଦେଖିବ ମାମା ମୁଁ ଏ ସମ୍ମାନର ଅଧିକାରୀ ତୁମକୁ କରାଇବି ।

ସସ୍ମିତା ଆଖିରୁ ଝରଝର ହୋଇ ଲୁହ ବହିଆସିଲା ବହୁ ସମୟ ହୋଇଗଲାଣି ଜେଜେ ମାଁ ଜଗିଛନ୍ତି କିଛି ଖାଇଦେବା । ତା'ପରେ କିଛି ସମୟ ବିଶ୍ରାମ ନେବୁ । ସଂଧ୍ୟାରେ ତୋର ନାଚ ପ୍ରୋଗ୍ରାମ୍ ଅଛି । ସୃଷ୍ଟି ଶୋଇପଡ଼ିବା ପରେ ସସ୍ମିତା ତାକୁ ଏକ ଲୟରେ ଅନେଇ ରହିଲେ । ସୃଷ୍ଟିର ଶାନ୍ତ ସ୍ନିଗ୍ଧ ମୁହଁକୁ ଅନେଇ ଅତୀତକୁ ଚାଲିଗଲେ ।

ଏମିତି ଏକ ଶିଶୁ ଦିବସରେ ପୁଅ ପିୟୁସକୁ ବିଦ୍ୟାଳୟରୁ ଆଣିବା ସମୟରେ ସମ୍ବିଦ ଓ ସୁସ୍ମିତାଙ୍କ ସମ୍ମୁଖରେ ଟିକି ଝିଅଟିଏ ହାତ ପତାଇ ଖନେଇ ଖନେଇ ହୋଇ ଭାରି ଭୋକ ଲାଗୁଛି ବୋଲି କହିଥରଲା । ସସ୍ମିତା କୁନିଝିଅଟିକୁ ଦେଖାଇ ପିୟୁସକୁ କହିଥିଲେ ଦେଖିଲୁ କୁନିଝିଅଟି କିପରି ଖାଇବାକୁ ମାଗୁଛି ଆଉ ତୋତେ ଖାଇବାକୁ ଦେଲେ ତୁ ଖାଉନୁ । ସସ୍ମିତାର ଏକଥା ଶୁଣି ତିନି ବର୍ଷର ପୁଅ ପିୟୁସ ନିଜକୁ ଖାଇବା ଜଞ୍ଜାଳରୁ ବଞ୍ଚାଇବାପାଇଁ ସେ କୁନିଝିଅଟିକୁ ତାଙ୍କ ସାଥୀରେ ଘରକୁ ନେଇଯିବା ପାଇଁ ଅଳି କରିଥିଲା ।

ସସ୍ମିତା ଆଦୌ ରାଜି ହୋଇ ନଥିଲେ । ସମ୍ବିତ୍ ମଧ୍ୟ କହିଥିଲେ "ଦେଖ ପିୟୁସ ଆମେ ତାକୁ ନେଇଗଲେ ତା ପାପା, ମାମା ବ୍ୟସ୍ତ ହେବେ । ତା' ଛଡ଼ା ସେ କ'ଣ ତା ପାପା ମାମାଙ୍କୁ ଛାଡ଼ି ଆମ ପାଖରେ ରହିବ" ? ଟିକି ପିଲା ହୋଇଥିଲେ ମଧ୍ୟ ପିୟୁସ କହିଥିଲା ଯଦି ତା'ର ପାପାମାମା ଥାନ୍ତେ ସେ ମଧ୍ୟ ମୋ ପରିକା ବିଦ୍ୟାଳୟକୁ ଯାଉଥାନ୍ତା । ଖାଇବା ପାଇଁ ଆମ ପାଖରେ ହାତ ପତେଇ ନଥାନ୍ତା ।

ସତେ ତ ସମ୍ବିତ୍ ସସ୍ମିତା ପିୟୁସ କଥାର ସତ୍ୟତା ଜାଣିବା ପାଇଁ ଚାରିଆଡ଼କୁ ନଜର ପକାଇଲେ । ଏହି ସମୟରେ ପିୟୁସ ତାକୁ ମିଳିଥିବା ଚକ୍‌ଲେଟ୍ ବିସ୍କୁଟ୍‌ରୁ କିଛି ସେ କୁନି ଝିଅଟିର ହାତକୁ ବଢ଼ାଇ ଦେଇଥାଏ । ଝିଅଟି ମଧ୍ୟ ଖୁବ୍ ଖୁସିରେ ରାସ୍ତା ଉପରେ ବସି ସେଗୁଡ଼ିକ ଖାଇବାର ମଜା ନେଉଥାଏ ।

ସମ୍ବିତ୍ ସସ୍ମିତା ସେଠାରେ କିଛି ସମୟ ଅପେକ୍ଷା କଲେ । କାହାକୁ ଦେଖିପାରିଲେ ନାହିଁ । ତେଣୁ ସେଠାରୁ ଗୃହାଭିମୁଖୀ ହେବାକୁ ବାହାରନ୍ତେ ପିୟୁସ କୁନିଝିଅଟିର ହାତଧରି ଚାଲିବାକୁ ଲାଗିଲା । ସମ୍ବିତ୍ ପିୟୁସକୁ ବହୁତ ବୁଝାଇଥିଲେ । କାହାଝିଅ ହୋଇଥିବ । ଆମେ ନେଲେ ପୋଲିସ୍ ଆମକୁ ବାନ୍ଧିନେବ । ଭାରିଖରା ହେଲାଣି ଘରକୁ ଯିବା ଚାଲ ।

ଏହି ସମୟରେ ବୁଢ଼ୀଟିଏ ଆସି ସେଠାରେ ପହଞ୍ଚିଲା । ସମ୍ବିତ୍‌ର କଥାଶୁଣି କହିଥିଲା "ବାବୁ ଏହି ଟିକି ଝିଅଟିର କେହିନାହିଁ" । ରାସ୍ତାରେ ବୁଲୁଥିବା ବାୟାଣୀଟି ପେଟରେ ଏହାକୁ କିଏ ଭରିଦେଲା । ଲୋକଟିର ରୁଚିଜ୍ଞାନ ନାହିଁ । ଠିକ୍ ସମୟରେ ବାୟାଣୀଟି ରାସ୍ତା କଡ଼ରେ ଏ କୁନିଝିଅଟିକୁ ଜନ୍ମଦେଇ ଆରପାରିକୁ ଚାଲିଗଲା । ମୁଁ ତ ଭିକାରୁଣୀଟିଏ, ପିଲାଟିକୁ ଦେଖି ଲୋଭଲାଗିଲା । କିପରି ମଣିଷ ଛୁଆଟିକୁ ମରଣ ମୁହଁରେ ଛାଡ଼ି ପଳାଇଥାନ୍ତି, କହିଲ ବାବୁ ? ତାକୁ ନେଇ ବହୁ କଷ୍ଟରେ ବଡ଼ କଲି । ମୋ ସାଥୀରେ ସେ ବି ଆସେ । ଦୁଇ ତିନି ଦିନ ହେଲା ଜ୍ୱର ହୋଇଛି । ତେଣୁ ମୁଁ ଭିକ ମାଗିବା ପାଇଁ ଆସି ପାରିନଥିଲି । ପିଲାଟି ଦୁଇଦିନ ହେଲା କିଛି ଖାଇନି । ଆଜି ଟିକେ ଭଲ ଲାଗିବାରୁ ଭିକ ମାଗିବାପାଇଁ ଆସିଛି । ଟିକେ ପିଠି ଆଢୁଆ କରିଛି କି ନାହିଁ ଝିଅଟି ଏଠାକୁ ଚାଲିଆସିଛି । ସହଜେ ଗରିବ ସେଥିରେ ପୁଣି ବୁଢ଼ୀ ହେଲିଣି ତେଣୁ ବାବୁ ଦୟାକରି ଯଦି ଆପଣ ଏ ଝିଅଟିକୁ ରଖନ୍ତେ ତାହାହେଲେ ତା'ଭାଗ୍ୟର ପରିବର୍ତ୍ତନ ହୋଇଯାଆନ୍ତା ।

ସସ୍ମିତା ଟିକି ଝିଅଟିର ନିରୀହ ଚାହାଣୀକୁ ଅନେଇ ସମ୍ମୋହିତ ହୋଇଗଲା । ସମ୍ବିତ୍‌କୁ ବାଧ କରିଥିଲା ଝିଅଟିକୁ ସାଥୀରେ ନେଇଯିବା ପାଇଁ । ପିୟୁସ ଭଉଣୀଟିଏ ପାଇ ଖୁବ୍ ଖୁସି ହୋଇଯାଇଥିଲା । ସମ୍ବିତ୍ ମଧ୍ୟ ଝିଅଟିକୁ ବେଶୀ ସ୍ନେହ ଆଦର କରୁଥିଲେ । ଅତି ଖୁସିରେ ତା ନାମ ଦେଇଥିଲେ ସୃଷ୍ଟି ।

ସୃଷ୍ଟି ପାଠପଢ଼ା ବ୍ୟତୀତ ଅନ୍ୟାନ୍ୟ ବିଷୟରେ ମଧ୍ୟ ଆଗୁଆ ଥିଲା । ସୃଷ୍ଟି ମଧ୍ୟ ସମ୍ବିତ୍‌କୁ ବହୁତ ଭଲ ପାଉଥିଲା । ହଠାତ୍ ଦୁଇ ଦିନ ଜ୍ୱରରେ ପଡ଼ି ସମ୍ବିତ୍ ଆର ପାରିକୁ ଚାଲିଗଲେ । ସମ୍ବିତ୍ ସାଥୀରେ ଟିକିନିଖି କଥା ବାଣ୍ଟୁଥିବା ସୃଷ୍ଟି ଆଜିବି ସମ୍ବିତ୍‌ର ଫଟୋ ଆଗରେ ଛିଡ଼ା ହୋଇ ପ୍ରତ୍ୟେକ ଦିନ ତା ଜୀବନରେ ଘଟୁଥିବା ଘଟଣାଗୁଡ଼ିକୁ କୁହେ, ଖୁସି ହୁଏ । ଦୁଃଖୀ ବି ହୁଏ । ସତରେ ସେ ଯଦି ସେଦିନ ସୃଷ୍ଟିକୁ କୋଳେଇ ନଥାନ୍ତା ତାହାହେଲେ ଝିଅର ସ୍ନେହରୁ ବଞ୍ଚିତ ହୋଇଥାନ୍ତା ।

ସସ୍ମିତା ଭାବିଲେ ଯଦି ପ୍ରତ୍ୟେକ ପିତାମାତା ଏପରି ଅନାଥ ଶିଶୁଙ୍କୁ ପୋଷ୍ୟ ସନ୍ତାନ ରୂପେ ଗ୍ରହଣ କରନ୍ତେ ତାହାହେଲେ ସେମାନେ ମଧ୍ୟ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ଏକ ସୁନାଗରିକର ପରିଚୟ ସୃଷ୍ଟି କରିପାରୁଥାନ୍ତେ ।

୦୦୦




# R. S. TUTORIALS

SURYALOKA LANE, CHANDI CHHAK, CUTTACK

*Admission Open !* *Admission Open !* *Admission Open !*

*Admission Open !* *Admission Open !*

**A Complete Coaching for**

**+2 Arts & Commerce**
**+3 Arts (Hons, Elective, Pass)**

**Special Coaching for : Spoken English And also M. A. Entrance, (Pol. Science)**

Contact : 9861462581, 9861816123

# ଭାଇ ବାଣ୍ଟ

**- ଦେବଦତ୍ତ ମିଶ୍ର**

ସେଦିନ ରାତିରେ ଗାଆଁରୁ ନିଗମର ଫୋନ ଆସିଥାଏ । ନିଗମ ମୋ ପିଲାଦିନର ସାଙ୍ଗ । କହିଲା - ଜାଣିଲୁ ? ନରିଆ ବୁଢ଼ା ମରିଗଲା ଆଜି । କଥାଟାକୁ ମୁଁ ଆଦୌ ହଠାତ ଗ୍ରହଣ କରିପାରିଲିନି । ଆଉ ବିଶେଷ କିଛି କଥା ହେଲିନି ଫୋନ୍‌ରେ । ପଚାରିବାକୁ ଚାହିଁଲିନି କେମିତି, କଣ ?

ଅନେକ ଦିନ ତଳେ ମୁଁ ଗାଆଁକୁ ଯାଇଥିଲି । ବୁଢ଼ା ସଂପୂର୍ଣ୍ଣ ସୁସ୍ଥ ଥିଲା । ଗାଆଁ ଦାଣ୍ଡରେ ଚାଲିବୁଲୁଥିଲା । ହାଠାତ୍ କଣ ହେଲା ସେ ଆରପାରିକୁ ଚାଲିଗଲା । ଫୋନ ରଖିଲି । ରାତିରେ ଖାଇସାରିବା ପରେ ବିଛଣାରେ ପଡି ଏକଡ଼ ସେକଡ଼ ହେଉଥାଏ । ନିଦ ଆସୁ ନଥାଏ । ମୋ ଆଖି ଆଗରେ ଭାସି ଆସୁଥାଏ ନରିଆ ବୁଢ଼ାର ଚିତ୍ର ।

ନରିଆ ବୁଢ଼ା ବୋଲି ସମସ୍ତେ ଡାକନ୍ତି ତାକୁ । ତାର ପ୍ରକୃତ ନାଁ ଟା ନରହରି ବେହେରା । ଉଚ୍ଚତାରେ ଛଅ ଫୁଟ ସରିକି ହେବ । ଶାଳଗଜା ପରି ବାହୁ । ବୟସ ପଞ୍ଚସ୍ତରି ପାଖାପାଖି ହେବ । ତାରି ବୟସର ବୁଢ଼ାମାନେ କିଏ ବାଡି ଧରି ଚାଲୁଥିଲେ ତ କିଏ ବିଛଣାରେ ପଡ଼ିଥିଲା । ବୁଢ଼ା କିନ୍ତୁ ପୁରା ଶକ୍ତ ଥିଲା । ବିନା ଆଶ୍ରାରେ ଚଲାବୁଲା କରେ । ମୁଁ ଗାଆଁକୁ ଗଲେ ବୁଢ଼ା ସାଙ୍ଗରେ ବସି ଭଲମନ୍ଦ କଥା ହୁଏ । ବୁଢ଼ା ସହିତ ମୋର ଏକ ଅଜଣା ସମ୍ପର୍କ ସୃଷ୍ଟି ହୋଇଯାଇଥାଏ ।

ବୁଢ଼ାର ସ୍ତ୍ରୀ ବହୁତ ଦିନ ଆଗରୁ ଇହଧାମ ତ୍ୟାଗ କରିସାରିଥାଏ । ଦୁଇଟି ପୁଅ । ବଡ଼ ପୁଅ ସ୍ତ୍ରୀ ପିଲା ନେଇ ସହରରେ ରୁହେ । ସାନପୁଅ ଗାଆଁରେ । ନରିଆ ବୁଢ଼ାର ସ୍ତ୍ରୀ ମରିବାର କିଛିଦିନ ପରେ ଘରେ ପାରିବାରିକ କଳହ ଯୋଗୁଁ ଦୁଇ ପୁଅ ଭିନ୍ନ ହୁଅନ୍ତି । ଘରଡିହ ସବୁ ଦୁଇ ଭାଗ ହୁଏ । ମାତ୍ର ବୁଢ଼ାକୁ କିଏ ପାଖରେ ରଖିବ ? ଏହି କଥାକୁ ନେଇ ଚାଲେ ଟଣାଓଟରା । ଶେଷକୁ ଗୋଟିଏ ସିଦ୍ଧାନ୍ତ ହୁଏ ଯେ ବୁଢ଼ା ଛଅ ମାସ ବଡ଼ପୁଅ ପାଖରେ ରହିବ । ବାକି ଛଅ ମାସ ସାନପୁଅ ବୁଢ଼ାର ଦାୟିତ୍ୱ ନେବ ।

ଏସବୁ କଥା ଦେଖି ବୁଢ଼ା ମନ ଭିତରେ କିଛି ସହ୍ୟ କରିପାରୁ ନ ଥାଏ । ବଞ୍ଚି ଥାଉ ଥାଉ ଦୁଇ ପୁଅ ଭିନ୍ନ ହୋଇଗଲେ । ବୁଢ଼ା ନୀରବ ରହେ । ବୁଢ଼ା ଗାଆଁ ଛାଡି କେବେ କୁଆଡେ ଯାଇନଥିଲା । ଗାଆଁ ଭଲ ତ ସିଏ ଭଲ । ଗାଆଁର ମାଟି, ପାଣି, ପବନରେ ସିଏ ବଢ଼ିଛି । ଜୀବନରେ ଥରୁଟିଏ ଗାଆଁ ଛାଡ଼ି ନ ଥିବା ବୁଢ଼ା ବଡ଼ପୁଅ ସହିତ ତାର କର୍ମସ୍ଥଳୀକୁ ବାହାରି ପଡିଲା । ଏବେ ବଡ଼ପୁଅର ଛଅ ମାସ ପାଳି । ତା ପରେ ସେ ଫେରି ଆସିବ ସାନପୁଅ ପାଖକୁ ଛଅ ମାସ ପାଇଁ ।

ବହୁତଦିନ ହେଲା ଗାଆଁକୁ ଯାଇନଥିଲି । ଗାଆଁର କିଛି ଖବର ନ ଥିଲା ମୋ ପାଖରେ । ବୁଢ଼ା ସହରକୁ ଯାଇଥିଲା ବୋଲି ଶୁଣିଥିଲି । ଏମିତି ତାର ଦେହ କିଛି ଖରାପ ହେବାର ତ ଜାଣିନଥିଲି । ହଠାତ୍ କଣ ହେଲା ଯେ ? ମୋ ମନ ମାନୁ ନ ଥାଏ । ପୁଣି ଫୋନ ଲଗେଇଲି ନିଗମ ପାଖକୁ । ତା ଠାରୁ ସମ୍ପୂର୍ଣ୍ଣ ଘଟଣା ଜାଣିବାକୁ ଚାହିଁଲି ।

ସେ ଆରମ୍ଭ କଲା -

ନୂଆ କରି ସହରକୁ ଯାଇଥାଏ ନରିଆ ବୁଢ଼ା । ମନ ବିଲକୁଲ ଲାଗୁ ନଥାଏ । ସେଠି ହସଖୁସି, ଭଲମନ୍ଦ ହେବାକୁ କେହି ନାହିଁ । ନାତିନାତୁଣୀ ସ୍କୁଲ ଯାଆନ୍ତି । ପୁଅ ଯାଏ କମ୍ପାନୀ । ବୁଢ଼ା ଏକୁଟିଆ ବସେ । ଚିନ୍ତା କରେ ଗାଆଁ କଥା । ଗାଆଁରେ ଜୀବନଯାପନ କେତେ ବଢ଼ିଆ ସତେ । ରାତି ପାହିଲେ କେତେ ଲୋକଙ୍କ ମୁହଁଦେଖା । ଆଡୁସାତୁ କେତେ କଥାବାର୍ତ୍ତା । ନିଜ କାମସାରି ଗାଆଁ ପିଣ୍ଡାରେ ବସିଥିଲେ ସମୟ କେମିତି ଚାଲିଯାଏ ଜଣାପଡ଼େନି । କିନ୍ତୁ ଏଠି ସବୁ ଓଲଟା । କାହାର କାହା ଘରକୁ ଯିବା ଆସିବା ନାହିଁ । ଘର ପାଖ ଘର ଲୋକମାନଙ୍କ ସହିତ ବି କଥାବାର୍ତ୍ତା ନାହିଁ । ବଡ଼ ଅଜବ ଲାଗେ ଏସବୁ । ବୁଢ଼ା ଖାଲି ଏକୁଟିଆ ବସେ । ଆଉ ବସି ବସି ଚିନ୍ତା କରୁଥାଏ ଗାଁ କଥା । କେମିତି ଛଅ ମାସ ପୂରିବ ଆଉ ସେ ଗାଆଁକୁ ଯିବ ।

ସହରର ପାଣିପବନ ବୁଢ଼ା ଦେହରେ ଚଳୁ ନ ଥାଏ । ସେଥିପାଇଁ ଦେହଟା ମଝିରେ ମଝିରେ ଖରାପ ହେଉଥାଏ । ଔଷଧ ଖାଇବାକୁ ବଡ଼ ଅବାଗିଆ ଲାଗେ ତାକୁ । ତଥାପି ଔଷଧ ମେଞ୍ଚେ ଖାଇବାକୁ ପଡେ । ବଡ଼ପୁଅର କଣ୍ଟ ପୂରିବାକୁ ଆଉ ପନ୍ଦର ଦିନ ବାକି । ବଡ଼ପୁଅ ଦେଖିଲା ବାପାର ଦେହ ଭଲ ରହୁନି । ବାପା ବି ଗାଆଁକୁ ଯିବା ପାଇଁ ବ୍ୟସ୍ତ ହଉଛନ୍ତି । ତାର ଚିନ୍ତା ବଢ଼ିଲା । କେମିତି ପନ୍ଦର ଦିନ ପୂରିବ ଆଉ ବୁଢ଼ାକୁ ଆଣି ଗାଆଁରେ ଛାଡିବ । ସେ କମ୍ପାନୀରେ ଛୁଟି ପାଇଁ ଆବେଦନ କରିଥିଲା । ମାତ୍ର ତାକୁ ଛୁଟି ମିଳିଲାନି । ତାର ଆଉ ଗୋଟିଏ ଚିନ୍ତା ବାପା ଘରକୁ ଯିବେ କେମିତି । ଛଅମାସ ପୂରିଗଲା ପରେ ସେ ଆଉ ବାପାକୁ ନିଜ ପାଖରେ ରଖିବାକୁ ଚାହୁଁନଥିଲା । କାରଣ ତା ସ୍ତ୍ରୀ ଅଶାନ୍ତି ହେଉଥାଏ । ଏପଟେ ବୁଢ଼ା ପାଇଁ ତା ପିଲାମାନଙ୍କ ପଢ଼ାପଢ଼ି ଠିକ୍ ଭାବରେ ହୋଇପାରୁନି । ପିଲାମାନେ ସ୍କୁଲରୁ ଆସି ବୁଢ଼ା ପାଖରେ ବସି ଯାଉଥିଲେ ଗପ ଶୁଣିବା ପାଇଁ । ବୁଢ଼ା ତାଙ୍କୁ ଶୁଣଉଥିଲା କେତେ କଥା । ତା ପିଲା ବେଳର କଥା । ଗାଆଁ ଲୋକଙ୍କ କଥା । ଆହୁରି କେତେ କଣ । ସେଥିପାଇଁ ସ୍ତ୍ରୀର ତାଗିଦ ଯେମିତି ହେଲେ ଛଅମାସ ପୁରୁପୁରୁ ବୁଢ଼ା ଗାଆଁକୁ ଯିବା ଦରକାର । ବଡ଼ପୁଅ ବଡ଼ ସମସ୍ୟାରେ ପଡିଥାଏ । ସେ କାମ କରୁଥିବା କମ୍ପାନିରେ ପାଖ ଗାଁର ପିଲାଟିଏ କାମ କରୁଥାଏ । ତା ନାଆଁ କେଦାର । ସେ ଦୁଇଦିନ ପରେ ଛୁଟିରେ ଯିବ । ଏ କଥା ସେ ଶୁଣିଲା । ତା ମନକୁ ଗୋଟେ ଉପାୟ ଆସିଲା । ସେ ଭାବିଲା କେଦାର ସହିତ ବାପାକୁ ଗାଆଁକୁ ପଠାଇଦେବ । ଛଅମାସ ପୁରିବାକୁ ତ ଆଉ ଅଳ୍ପଦିନ ବାକି । ଏତିକି ଦିନ ସେ ସାନବୋହୂ ପାଖରେ ଚଳାଇନେବନି । ପରେ ବରଂ ତା ପାଳିରେ ସେ ଅଧିକ ଦିନ ବାପାକୁ ରଖିନେବ । ଏମିତି ଭାବି ସେ ବାପାକୁ କେଦାର ସହିତ ଗାଁକୁ ପଠାଇଦେଲା ।

ବୁଢ଼ା ଏବେ ଗାଁରେ । ଦେହ ସମ୍ପୂର୍ଣ୍ଣ ସୁସ୍ଥ ହୋଇନଥାଏ । କିନ୍ତୁ ଗାଆଁକୁ ଆସିବା ପରେ ତାକୁ ସବୁ କିଛି ପାଇଯିବା ପରି ଲାଗୁଥାଏ । ବୁଢ଼ାର ଏମିତି ଏତେଦିନ ଆଗରୁ ଆସିଯିବାଟାକୁ ଗ୍ରହଣ କରିପାରିଲାନି ସାନବୋହୂ । ସେ ବା କାହିଁକି ଅଧିକ ଦିନ ତାକୁ ପାଖରେ ରଖିବ । ବୁଢ଼ାକୁ ରୋକ୍‌ଠୋକ୍ ଶୁଣାଇଦିଏ । ତାର ପାଳି ଆରମ୍ଭ ହେଲେ ସେ ବୁଢ଼ାକୁ ରଖିବ ବୋଲି କହେ ।

ବଡ଼ ସମସ୍ୟାରେ ପଡେ ନରିଆ ବୁଢ଼ା । ଏବେ ସେ କରିବ କଣ ? ବଡ଼ ପୁଅର ଛଅମାସିଆ ପାଳିର ଅବଧି ଶେଷ ହୋଇନଥିଲା । ଏପଟେ ସାନବୋହୂ ମନା କରିଦେଲା ପାଖରେ ରଖିବାକୁ । ତାକୁ ଭାରି ଅସହାୟ ବୋଧ ହେଲା । ତାର ନିଜ ଘରେ ତାକୁ ଏକା ଏକା ଲାଗେ । ବୁଢ଼ାର ଏକମାତ୍ର ଝିଅ ପାଖ ଗାଆଁରେ ବିବାହ କରିଥାଏ । ପ୍ରାୟ ଗୋଟିଏ କିଲୋମିଟର ହେବ । ବୁଢ଼ା ଦ୍ୱିପହରେ ଯାଇ ଝିଅ ଘରେ ଖାଇନିଏ । ପ୍ରତିଦିନ ଚାଲିଚାଲି ଯାଏ ଓ ଫେରେ । ରାତିରେ ଖାଇଲେ ଖାଏ ନ ଖାଇଲେ ନାହିଁ । ଝିଅ ବାଧ କରେ ତା ଘରେ ରହିଯିବା ପାଇଁ । ବୁଢ଼ା ରାଜି ହୁଏନା । କାଳେ ଗାଆଁ ଲୋକେ କଣ କହିବେ । ସହଜେ ତ ବୁଢ଼ା ଦେହ ଖରାପ ଥିଲା । ବୟସାଧିକ ଯୋଗୁଁ ଏମିତି ଚଲାବୁଲା କରିବାରୁ ଅଧିକ ଅସୁସ୍ଥ ହୋଇପଡ଼ିଲା । ବୁଢ଼ା ଏବେ ବିଛଣାରେ ପଡିଗଲା ।

ଝିଅ ବୁଢ଼ାକୁ ନେଇ ନିଜ ପାଖରେ ରଖିଲା । ସେ ବିଛଣାରେ ପଡିଥାଏ । ଦିନକୁ ଦିନ ଅବସ୍ଥା ଅଧିକ ଖରାପ ହେଉଥାଏ । ହଠାତ ସ୍ୱାସ୍ଥ୍ୟବସ୍ଥାରେ ଅବନତି ଘଟିଲା । ଝିଅ ବହୁତ ଔଷଧ ଖର୍ଚ୍ଚ କଲା । ସାଧ୍ୟମତେ ଚେଷ୍ଟା କଲା । କିନ୍ତୁ କିଛି ଫଳ ହେଲାନି । ବୁଢ଼ା ଆରପାରିକୁ ଚାଲିଗଲା ।

ସାଙ୍ଗ ପାଖରୁ ସବୁ କଥା ଶୁଣିଲି । ମୋତେ ଯେପରି କେଉଁ ଚଳିଚିତ୍ର କାହାଣୀ ପରି ଲାଗୁଥାଏ । ସେତେବେଳକୁ ଆଖିକୋଣରେ ଲୁହବିନ୍ଦୁ ଜମାଟ ବାନ୍ଧି ଆସିଥାଏ । ମନେ ମନେ ଭାବିଲି ହାଏରେ ମଣିଷ । ପୁଅଟିଏ ପାଇବା ଲାଗି ମଣିଷ କଣ ନ କରୁଛି । କେତେ ପୂଜାପାଠ, ପ୍ରାର୍ଥନା, ଠାକୁରଙ୍କ ପାଖରେ ମନୋସ୍କାମନା ପ୍ରତିବଦଳରେ କଣ ପାଉଛି ? ନରିଆ ବୁଢ଼ାପରି ଛଅମାସିଆ ପାଳିର ରହଣି । ବାପାମାଆଙ୍କୁ ବି ଜାଗାବାଡ଼ି, ଆସବାବପତ୍ର ଭଳି ବାଣ୍ଟି ନେଉଛନ୍ତି । ଯେଉଁ ବାପା ନିଜ ଜୀବନକୁ ତିଳ ତିଳ କରି ପିଲାମାନଙ୍କ ସ୍ୱାର୍ଥରେ ଲଗାଇଦେଉଛି ତା ପାଇଁ ପନ୍ଦରଦିନ ଅବା ମାସଟିଏ ସମୟ ମଧ୍ୟ କାହା ପାଖରେ ନାହିଁ । ଧନ୍ୟରେ ମଣିଷ ! ଧନ୍ୟ ତୋର ପୁଅପାଇବାର ଲାଳସା । ଏଭଳି କୁତ୍ସିତ ମାନସିକତା କେବେ ମୂଳପୋଛ ହେବ କେଜାଣି ।

ଆଇ.ଜି.ଆଇ.ଟି. ସରାଙ୍ଗ, ଢ଼େଙ୍କାନାଳ

# ଅମୃତ ଧାରା

*- ଗୀତାଞ୍ଜଳି ନାୟକ*

ଘରକୁ ଫେରିବା ଖୁସିରେ ବି ବ୍ରଜବନ୍ଧୁଙ୍କ ମନ ଦୁଃଖରେ ଭରିଗଲା, ସେ ଅନୁଭବ କରୁଥିଲେ ବହୁଦିନର ପରିଚିତ ସ୍ନେହ ମମତାର ହସ ଖୁସିର ଘର ଛୋଟିଆ ପରବାର ଟି ମୋତେ କେତେଦୂର ଗ୍ରହଣ କରିବ । ବନ୍ଧୁ-ବାନ୍ଧବମାନେ କଣ ଭାବିବେ ? ପାଖରେ ଝିଅଟି ମୋର ଦୁଃଖ ଓ ଲାଜରେ ଠିଆ ହୋଇଥାଏ । ନରେନ୍ଦ୍ର ମୋ ପିଲାଦିନର ସାଙ୍ଗ, ସେ ଆଗରୁ ଆସି ଆମକୁ ୨ ଘଣ୍ଟା ପୂର୍ବରୁ କଚେରି ଗେଟ୍ ପାଖରେ ଅପେକ୍ଷା କରିଥାଏ । ଆମ ବାପ-ଝିଅଙ୍କୁ ସେ ଦେଖି କୁଣ୍ଢାଇ ଭୋ, ଭୋ କାନ୍ଦିଲା । ସତରେ ତାହା ଥିଲା ଆମପ୍ରତି ଆନନ୍ଦର ଅଶ୍ରୁ । ପିଲାବେଳୁ ଆମେ ଦୁଇଜଣ କେତେ ଖେଳ ଖେଳିଛୁ, ନୌକା ଧରି ଜହ୍ନ ରାତିରେ କେତେ ଗୀତ ଗାଇ, ଗାଇ ରାତି କଟେଇଛୁ । ଭୂତକୁ ଦେଖିବାକୁ ଆମେ ଦୁଇବନ୍ଧୁ ରାତିରେ ଶ୍ମଶାନରେ କେତେ ବୁଲିଛୁ, ଆମେ ଥିଲୁ ଦୁହେଁ ଦୁହିଁଙ୍କ ପାଇଁ ଜୀବନ ଦେଉଥିବା ବନ୍ଧୁ । ଆମ ଏହି ବାରବୁଲା ଚାଲି ଚଳନ ଦେଖି ତା ବାପା ଓ ମୋ ବାପା ସହରକୁ ପାଠ ପଢ଼ିବାକୁ ପଠେଇ ଦେଲେ । ସେଠି ଆମେ ଦୁଇଜଣ ପାଠ ପଢ଼ୁ, ତା ସାଙ୍ଗରେ କ୍ରିକେଟ୍ ଖେଳ ଖୁବ୍ ଜମେ ଏବଂ ରବିବାର ହେଲେ ଫିଲିମ୍ ଦେଖିବାକୁ ଯାଉ । ଭାରି ଅମାନିଆ ଥିଲୁ ସିନା, ହେଲେ ଆମ ଦୁଇଜଣଙ୍କୁ ପାଠରେ କେହି ପଛରେ ପକେଇଲା ଭଳି ପିଲା ସ୍କୁଲ୍‌ରେ ନଥିଲେ । ଦୁଇଜଣ ପାଠ ପଢ଼ାରେ ସବୁବେଳେ ଆଗୁଆ ଥିଲୁ । ଆମେ ଦୁଇଜଣ ସବୁବେଳେ ପାଠ ଉପରେ ଧ୍ୟାନ ରଖିଥାଉ, ଶେଷରେ ଦୁଇଟି ଡାକ୍ତର ହେଲୁ । ତାପରେ ଆମେ ଅଲଗା ହେଇଗଲୁ । ହେଲେ ଆମ ମନ ସବୁବେଳେ ଜଣେ ଅନ୍ୟଜଣଙ୍କୁ ଛୁଟିରେ ଦେଖିବା ପାଇଁ ବ୍ୟାକୁଳ ହେଇଯାଏ ତା ପରେ ଦୁହେଁ ଛୁଟିରେ ଗାଁ କୁ ଆସିଥାଉ । ଆମର ପିଲାଦିନର ଅଭ୍ୟାସ ଦାଣ୍ଡ ଚଉତରା ଉପରେ ବସି ଦାନ୍ତ ଘସିବା, ଭାରି ମଜା ଲାଗେ । ଆମେ ଗାଁକୁ ଆସିଲେ ଦୁଇଜଣ ଜାକ ଜଣଙ୍କ ଘରେ ସାଙ୍ଗହେଇ ରହୁ । ତା ପରେ ଆମ ଦୁଇଜଣଙ୍କର ବାହାଘର ପାଇଁ ଘରେ ବ୍ୟସ୍ତ ହେଲେ । ମୋର ବାହାଘର ବାପା ଠିକ୍ କରିଦେଲେ । ସେଥିରେ ମୁଁ ପ୍ରତିବାଦ କରିପାରିଲିନି, ଯଦିଓ ଏତେ ଶିଘ୍ର ମୋ ଜୀବନକୁ ମୁଁ ଆବଦ୍ଧ କରିବାକୁ ଚାହୁଁ ନଥିଲି, କିଛି ବର୍ଷ ଏମିତି ସଇତାନି ହେଇ ଟିକେ ମଉଜ, ମଜଲିସ୍ କରିବାଟା ମୋର ଭାରି ଇଛା । ହେଲେ ବାପା ନ ଛୋଡ଼ ବନ୍ଧା, ବାହାଘର ହେବ । ଝିଅ ଦେଖିବାକୁ ଶିଘ୍ର ଆସେ । ଛୁଟିରେ ମୁଁ ଘରକୁ ଆସିଥାଏ । ନରେନ୍ଦ୍ର ମଧ୍ୟ ଆସିଥାଏ । ଦୁଇବନ୍ଧୁ ବାହାରିଗଲୁ ବାପାଙ୍କ କଥା ଭାଙ୍ଗିନପାରି ଝିଅ ଦେଖିବାକୁ । ପାଖ ଗାଁର ଝିଅ ଟି ମୁଣ୍ଡ ପୋତି ବସିଥିଲା । ତଥାପି ଶିକ୍ଷିତା ପରି ଲାଗୁଥିଲା । ମନେ ହେଉଥିଲା ସଭ୍ୟା, ଶୈଶବ ଜାଗାରେ ଏଇ କେତେଦିନ ହେବ ଯେମିତି ତା ଦେହରେ ଯୌବନ ଉଙ୍କି ମାରିଛି । ଗୌରାଙ୍ଗୀ ଦେହ ସାଙ୍ଗକୁ ଆଖି ପତା ଉପରେ ସତେ ଯେପରି କଳା ଭଅଁର ଦୁଇଟା ବସିଛନ୍ତି । ଆଉ କେଶ ଯଦିଓ ବେଶି ଲମ୍ୱା ନୁହେଁ । କଳା ବଉଦ ଢ଼ାଙ୍କିଲା ପରି ପିଠି ପଟକୁ ଢ଼ାଙ୍କି ଦେଇଥାଏ । ତାକୁ ଦେଖି ଆସିବା ପରେ ମୁଁ ଆଉ ବାପାଙ୍କୁ ହଁ ନ କରି ରହି ପାରିଲିନି । ମୋ ବାହାଘର ସେଇଠି ଠିକ୍ ହୋଇଗଲା । ହେଲେ ମୋ ସାଙ୍ଗର ବାହାଘର ଠିକ୍ ନ ହେବା ଯାଏ ମୁଁ ବିବାହ କରିପାରିବିନି ବୋଲି ବାପାଙ୍କୁ ଶୁଣେଇ ଦେଲି । ମୋର ନିର୍ବନ୍ଧ କରି ବାପା ମୋ କଥାରେ ବାହାଘର ପଛରେ କରିବାକୁ ସ୍ଥିର କଲେ । ତା ପରେ ତାର ବାହାଘର ଓ ମୋ ବାହାଘର ଏକାଦିନରେ ହେଲା । ତାର ପୁଅଟିଏ ଏବଂ ମୋର ଝିଅଟିଏ ହେଲା । ଏମିତିରେ ଆମ ସଂସାର ଚାଲିଥାଏ । ଘର ଜଞ୍ଜାଳ ବାପା, ମା ଙ୍କ ଜଞ୍ଜାଳ ରେ ଆମକୁ ସମୟ ଜମା ଅଣ୍ଟେ ନି । ତେଣେ ପୁଣି ଡାକ୍ତର ଖାନା ଡିଉଟି ତା ପରେ ତାର ମୋର ସମ୍ପର୍କ ଟିକେ କମିବାକୁ ଲାଗିଲା । ମନ କିନ୍ତୁ ଥାଏ ହେଲେ ସମୟର ଘୋର ଅଭାବ, ମୋ ଝିଅ ଧିରେ ଧିରେ ବଡ଼ ହେଲା । ସେ ଚାରି, ପାଞ୍ଚ ବର୍ଷ ରୁ ଯେମିତି ନରେନ୍ଦ୍ର, ମତେ ନ ଦେଖିଲେ ପାଗଳ, ଝିଅଟି ମଧ୍ୟ ଟିକେ ନ ଦେଖିଲେ ବାଉଳା ହେଇ ଯାଉଥିଲା ।

ଯେତେ ଖେଳନା, ଚକ୍‌ଲେଟ୍, ସାଙ୍ଗ ତା ପାଇଁ ମୋ ବ୍ୟତୀତ ସବୁ ମୂଲ୍ୟହୀନ ହେଇ ଯାଉଥିଲା । ଯେତେ ରାତି ହେଉ ଘରକୁ ଫେରିଲେ ମୋ ସାଙ୍ଗରେ ଖାଇବା ପାଇଁ ସେମିତି ମୋ କଥା ନ ମାନି ଢୁଳେଇ, ଢୁଳେଇ ଅପେକ୍ଷା କରିଥିବା ସତେ ଯେମିତି ମା ଟି ତା ପୁଅର ଫେରିବା ବାଟ କୁ ଚାହିଁଛି । ବାବା ପେଟ ଉପରେ ମୁଣ୍ଡ ନ ଥୋଇଲେ ତାକୁ ନିଦ ଆସେନି । ଯେତେ ବଡ଼ ହେଉଥାଏ ସେ ମୋ ପ୍ରତି ସେତେ ନିବିଡ଼ ହେଉଥାଏ । ବାବା ପଢ଼େଇଲେ ମୋ ସବୁ ପାଠ ହେଇଯିବ । ସମୟ ନ ଥିଲେ ବି ତା ପାଇଁ ଟିକେ ସମୟ ବାହାର କରି ପଢ଼େଇ ଦେଲେ ସେ ଖୁସ୍ ମୁଁ ବି ଖୁସ୍ । ଏମିତି ପଢ଼ଉ ପଢ଼ଉ ମୋ ଲକ୍ଷ୍ମୀପ୍ରତିମାର କେତେ ବେଳେ ପାଠ ସରି ବଡ଼ ହେଇଗଲାଣି । ମୁଁ ଜାଣି ପାରିଲିନି । ତା ମା ଥରେ ଆସି କହିଲା ଝିଅର ପାଠ ପଢ଼ା ସରିଗଲାଣି । ଏଥର ବର ଘର କୋଉଠି ଖୋଜା, ଖୋଜି ଆରମ୍ଭ କର । ମୁଁ କହିଲି ମୋ ଝିଅକୁ  ଛାଡ଼ି ମୁଁ କଣ କେବେ ବଞ୍ଚି ପାରିବି  ? ସତରେ ତମକୁ ଭଗବାନ୍ ଝିଅ କାହିଁକି ଦେଉଥିଲେ କେଜାଣି  ? ତମେ ତ ତା ବିନା ମୁହୂର୍ତ୍ତେ ବଞ୍ଚିବା କଷ୍ଟକର । ତଥାପି ସୃଷ୍ଟିର ସତ୍ୟ କୁ ତ ଆମକୁ ମାନିବାକୁ ପଡ଼ିବନା । ମୋ ଝିଅ ଲଭଲି ଠିକ୍ ତା ମା ପରି ଥିଲା । ସୁନ୍ଦରୀ, ରୂପ, ଗୁଣ, ବିଦ୍ୟାରେ କେହି ହରେଇଲା ପରି ନଥିଲେ । ଏମିତି ମନେ ମନେ ଭାବି ଆମେ ସ୍ୱାମୀ ସ୍ତ୍ରୀ ବିବାହ ପାଇଁ ଯେତିକି ବ୍ୟସ୍ତ ନଥିଲୁ । ମୋ ସୁନା ପ୍ରତିମାକୁ ଆମଠାରୁ ଦୂରେଇ ଦେବାଟା ଥିଲା ଆମ ପାଇଁ ଅସହ୍ୟ ଯନ୍ତ୍ରଣା । ଏହି ସତ୍ୟକୁ ଆମେ କେମିତି ସାମନା କରିବୁ । ଭାବି ଭାବି ରାତିସାରା ନିଦ ଆସେନି । ଏମିତି ରାତି ପାହିଯାଏ, ଥରେ ନରେନ୍ଦ୍ରର ହଠାତ୍ ଫୋନ୍ ଆସିଲା । ସେ କାହାଠାରୁ ମୋ ଫୋନ୍ ନମ୍ବର ନେଇ ଫୋନ୍ କରିଛି, ଏଇ ଏପଟ ସେପଟ ଟ୍ରାନ୍ସଫର କୋଉ ଯାଗାକୁ ଆଦୌ ଫୋନ୍ ଲାଗେନିତ, ତେଣୁ ଫୋନ୍‌ରେ ବି ଆମେ ସମ୍ପର୍କ ରଖି ପାରିନଥିଲୁ । ସେ ଏଇ ପାଖାପାଖି ଟ୍ରାନ୍ସଫର୍ ହେଇ ଆସିଛି ବୋଲି କହିଲା । ମନ ବ୍ୟାକୁଳ ହେଲା, ତାକୁ ଟିକେ ଦେଖିବାକୁ ସକାଳ ହେବାମାତ୍ରେ ଛୁଟିଗଲି ତା ସାଙ୍ଗେ ଦେଖା କରିବାକୁ । ଦୁଇବନ୍ଧୁଙ୍କ ଖୁସି କହିଲେ ନ ସରେ, ପୁଅଟି କେଡ଼େ ଟିକେଥିଲା ଏତେ ବଡ଼ ହେଇଗଲାଣି । ଭାଉଜ ଯଦିଓ ବେଶି ବୁଢ଼ୀ ନୁହଁ, ତଥାପି ସେତେବେଳର ଭାଉଜ ପରିବର୍ତ୍ତନ ଶରୀର । ଆମେ ଦୁହେଁ କତେକଣ ଗପିଗଲୁ । ଗପ ଭିତରେ ଭାଉଜଙ୍କର ୬ କପ୍ ଚା ଦିଆ ସରିଗଲାଣି । ହେଲେ ଆମ ଗପ ସରୁନି । ଆମ ଗପକୁ ସାରିବାକୁ ପଡିଲା । ଏମିତି ମିଳା, ମିଶା ଭିତରେ ମୋ ମୁଣ୍ଡକୁ ଗୋଟିଏ କଥା ଅସିଲା ଆମକୁ ବନ୍ଧୁତ୍ୱକୁ ଆହୁରି ମଜ୍‌ବୁତ୍ କରିବାକୁ ଭାବିଲି ଏବଂ ନରେନ୍ଦ୍ର ପୁଅ ଅମ୍ଳାନ ସହ ମୋ ଝିଅ ଲଭ୍‌ଲିର ବାହାଘର କରିଦେଲେ କେମିତି ହୁଅନ୍ତା ? ଏହା ଭାବି ମୋ ସ୍ତ୍ରୀ କୁ କହିଲି, ମୋ ସ୍ତ୍ରୀ ନିରୁପମା ଖୁସିରେ କହିଲା ଏ ମନ ଖୋଜୁଥିଲା ଯାହା କାଳେ ପ୍ରାପ୍ତ ହୁଏ ତାହା । ସତକୁ ସତ କଥାଟି ସତ ହେଲା, ସେମାନଙ୍କର ମଧ୍ୟ କୌଣସି ପ୍ରତିବାଦ ନ ଥିଲା । ହସଖୁସିର ମହଲ କହିଲେ ନ ସରେ । ବର୍ଷକ ପରେ ମୋର ନାତିଟିଏ ହେଲା ଆମ ଦୁଇ ବନ୍ଧୁଙ୍କୁ ସବୁ ସୁଖ ଯେମିତି ଭଗବାନ ଗୋଟେ ପରେ ଗୋଟେ ଖଞ୍ଜି ଚାଲିଛନ୍ତି । ସମସ୍ତେ ଆମ ବନ୍ଧୁତ୍ୱ ଦେଖିଲେ ଏବଂ ଆମ ଖୁସିକୁ ଦେଖିଲେ ନିଜକୁ ଛୋଟ ମଣନ୍ତି । ଯାହା ପାଖରେ ଯେତେ ଧନ ଦୌଲତ ଥିଲେ, ଆମ ଖୁସି ଆଗରେ ସବୁ ଖୁସି ଯେମିତି ପାଣିଚିଆ ପରି ସମସ୍ତଙ୍କୁ ଲାଗୁଥିଲା ।

ଦିନେ ଆମ ଖୁସିର ଜୁଆରରେ ଭଟ୍ଟା ପଡ଼ିଗଲା, ଏତେ ଖୁସିରେ ଆମର ଦୁଃଖର ଛାୟା ଖେଳିଗଲା । ବୋଧେ କାହାର ନଜର ଲାଗିଗଲା । ମୁଁ ଡାକ୍ତର ଖାନାରେ ଥିଲା ବେଳେ ଫୋନ୍ ଆସିଲା, ରୋଗୀଟି ସିରିଏସ୍ ଟିକେ ଆମ ଗାଁ କୁ ଆସି ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ଖାନା ନେବା ପାଇଁ, ମୁଁ ସହି ନପାରି ସାଙ୍ଗେ, ସାଙ୍ଗେ ବାଇକ୍‌ରେ ପଳେଇଗଲି । ଗାଁକୁ ଯିବା ବଡ଼ କଷ୍ଟ ସାଧ ଥିଲା, ରାସ୍ତା ଏତେ ଭଲ ନଥିଲା ଗୋଟିଏ ବାଇକ୍ କିମ୍ବା ସାଇକେଲ୍ ଯିବା ଭଳି ରାସ୍ତା ଥାଏ । ବହୁତ କଷ୍ଟରେ ଯାଇ ପହଞ୍ଚିଲି । ଦେଖିଲି ଝାଟିମାଟି କୁଡ଼ିଆ ଘରଟିଏ, ଘର ଭିତରେ ସ୍ତ୍ରୀ ଲୋକଟି ପ୍ରସବ ବେଦନା ରେ ଛଟପଟ ହଉଛି । ଦେଖିଲା ବେଳକୁ ସ୍ତ୍ରୀ ଲୋକଟି ବହୁତ ସାଙ୍ଘାତିକ ହେଇଯାଇ ଥାଏ, ମୁଁ ଉପାୟ ନ ପାଇ ବ୍ୟାଗ୍‌ରେ ଥିବା ଇଞ୍ଜେକ୍‌ସନ ବାହାର କରି ଦେଇ ଦେଲି । ସ୍ତ୍ରୀ ଲୋକଟିର କଷ୍ଟ ଆଉ ପାଟି ସବୁଦିନ ପାଇଁ ବନ୍ଦ ହେଇଗଲା, ପାଖରେ୯୦ କି ୯୫ ବର୍ଷର ଧୋକଡ଼ ବୁଢ଼ି । ବୋଧେ ତାର ଶାଶୁ ହେବ, କୋଳରେ ଦୁଇ ବର୍ଷର ଲଙ୍ଗଳା, ଆଲେରା ମାଲେରା

ଛୁଆଟିକୁ ଧରି ବୋହୂକୁ ଧରି ବ୍ୟାକୁଳ ରେ କାନ୍ଦିବାକୁ ଲାଗିଲା । ମୁଁ ଆବାକ୍ ହେଇଗଲି, ମୋତେ ବୃଦ୍ଧିବାଟ ଦିଶିଲାନି । ହଠାତ୍ କଣ ହେଲା ମୁଁ ବୁଝିପାରିଲିନି, ସାହାସର ସହ ଇଞ୍ଜେକ୍ସନ ଖୋଳଟି ଦେଖିବା ବେଳକୁ ତାର ଏକ୍ସପାରି ଡେଟ୍ ଚାଲି ଯାଇଥିଲା, ମୁଁ କଣ କଲି ? ମୋ ବ୍ୟାଗ୍‌ରେ ଏମର୍ଜିନସ୍ ପାଇଁ ସବୁବେଳେ ପଡ଼ିଥାଏ । ହେଲେ ମୁଁ ବିକଳ ପରିସ୍ଥିତିରେ ହିତା, ହିତ ଜ୍ଞାନ ଭୁଲିଗଲି । ବୁଢ଼ୀର କାନ୍ଦ ଶୁଣି ସାଇ ପଡ଼ିସା ସମସ୍ତେ ଧାଇଁ ଆସିଲେ । ଯେତେ ବୁଝାଇବାକୁ ଚେଷ୍ଟା କଲି ସେମାନେ ବୁଝିବା ପରସ୍ଥିତିରେ ନ ଥିଲେ । ଚାହୁଁ ଚାହୁଁ ତୁଣ୍ଡ ବାଇଦ ସହସ୍ର କୋଶ ଭଳି ବ୍ୟାପିଗଲା । ମିଡ଼ିଆ, ପୋଲିସ୍ ମୋତେ ଆରେଷ୍ଟ୍ କରିନେଲେ, ଟିଭି, ପେପର ସବୁଥିରେ ଫଟ ସହ ବାହାରି ପଡ଼ିଲା । ମୋତେ ଜେଲ୍ ଶୁଣାଣି ହୋଇଗଲା ।

ଜେଲ୍‌ରେ ଆଜିବନ ନ ଖାଇ ନ ପିଇ ରହିବାକୁ ହେବ । ଖାଦ୍ୟ ତ ଦୂରର କଥା, ଏମିତି ପାଣିବି ଟିକେ ଦେଲେନି । ଯେଉଁଲୋକ ଠାକୁର ଭଳି ମାନୁଥିଲେ, ସେମାନେ ଏହି ରାୟରେ ଜଜ୍‌ଙ୍କର ଠିକ୍ ଉଚିତ୍ ଦଣ୍ଡ ବୋଲି କହିଲେ । କିଏ କହିଲେ ମଣିଷ ମରା ଡାକ୍ତରଙ୍କୁ ଏମିତି ଦଣ୍ଡ ଦେଲେ ଅନ୍ୟମାନେ ସଚେତନ ହେବେ । ଏତେବଡ଼ ଦୋଷରେ ଦୋଷି ହେଇ ମୁଁ ସମସ୍ତଙ୍କୁ ଛାଡ଼ି ଜେଲ୍ ଚାଲିଗଲି । ଝିଅଟି ମୋର ବିକଳ ରେ ମୋ ମୁହଁକୁ ଚାହିଁଥାଏ । ସମସ୍ତଙ୍କ ଆଖିରେ ଲୁହର ଧାର । ହେଲେ ମୋ ମା ନିର୍ବାକ ହେଇ କାଠ ପରି ଠିଆ ହେଇଥାଏ । ସତେ ଯେମିତି ମୋ ସୁନା ପ୍ରତିମା ଜଡ଼ ପଥର ମୂର୍ତ୍ତିଟି ପରି ଠିଆ ହେଇଛି । ସତରେ କଣ ପଥର ପାଲିଟି ଗଲା, ମୋ ଝିଅକୁ ଶେଷ ଥର ପାଇଁ ଟିକେ କୋଳେଇ ନବାକୁ ଇଚ୍ଛା ବହୁତ ଥାଏ । ହେଲେ ତାର ଏପରି ଅବସ୍ଥା ଦେଖି ମୁଁ ରହିଗଲି । କାଳେ ପାଖକୁ ଗଲେ ତା ଦୁଃଖ ଅଧିକ ବଢ଼ିଯିବ । ଆଉ ଦୁଃଖ ସହି ନ ପାରି ତା ହୃଦ୍‌କ୍ରିୟା ବନ୍ଦ ହେଇଯିବ । ସେଥିପାଇଁ ମୁଁ ନିଜକୁ ଟିକେ ସମ୍ଭାଳି ନେଲି । ମୁଁ କହିଲି ମୋର କିଛି ହେଇନି । ବେଲ୍ ହେଇଯିବ ମୁଁ ଦିନେ ଦୁଇଦିନରେ ପୁଣି ଘରକୁ ଆସିବି ଭାରି । ସୁପ୍ରିମ୍ କୋର୍ଟରେ ଜିତିଯିବି । ସେ ସେମିତି ସ୍ଥିର ଅବସ୍ଥାରେ ଥାଏ । ମୋ କଥା ତାକୁ ଶୁଭୁଥାଏ କି ନାହିଁ ଭଗବାନ ଜାଣନ୍ତି । ଭଗବାନ୍‌ଙ୍କ ଉଦ୍ଦେଶ୍ୟରେ ହୃଦୟ ଭିତରୁ ମୁଣ୍ଡିଆ ଟିଏ ମାରି ମୋ ଝିଅ ଲାଗିଲା ବୋଲି କହି ଚାଲିଲି । ମତେ ଲାଗିଲା ତାର ଏତେ ନିରବତା ଆଉ ତାକୁ ପାଗେଳି କରି ଦେବନି ତ ? ଯାହାବି ହେଲେ ମୋତେ ଜେଲ୍ ଯିବାକୁ ପଡ଼ିବ । ଚାଲିଗଲି, ରାତିସାରା ଆଖିରୁ ଶ୍ରାବଣର ଧାରା ପରି ଲୁହ ଗୁଡ଼ାକ ଝରୁଥାଏ । ଯେତେ ମନକୁ ବୁଝେଇଲେ ବି ମୋ ଝିଅ କଥା ଭାବି ଭାବି ମୋ ଛାତି ଫାଟିଗଲାପ ରି ଲାଗୁଥାଏ । ନିଦ ତ ଆସିବା ଦୂରର କଥା, ଭାବୁଥାଏ ମୋ ଝିଅ ବଞ୍ଚିବତ ? ମୋ ଦିନ ତ ସରି ଆସିଲାଣି, ହେଲେ ଭଗବାନ୍ ମୋ ଝିଅର ଦୁନିଆ ଭଲ କି ଦେଖିବା ପୂର୍ବରୁ ତା ଦୁନିଆ ଉଜୁଡ଼ି ଯିବ । ମୋ ନାତି କୁନି ପୁଅଟିର ଅବସ୍ଥା କଣ ହେବ ? ଗୋଟେ ସାଙ୍ଗରେ ଆମେ ତିନିଜଣ ଛନ୍ଦି ହେଇଯାଇଛୁ । ଏମିତି ଭାବିବା ଭିତରେ କାଳ ଅନ୍ଧାର କେତେବେଳେ ସରି ଯାଇଛି, ସୂର୍ଯ୍ୟ ତାଙ୍କର ରକ୍ତିମ ଆଭାରେ ଆକାଶଟାକୁ ରଙ୍ଗେଇ ଦେଲେଣି । ଧରଣୀ ରାଣୀ ଚିକ୍‌ମିକ୍ ଆଲୋକ ରେ ଯେମିତି ସଜ-ବାଜ ହେଇ ସୁନ୍ଦର ଶାନ୍ତ ସରଳ ନାରୀଟି ପରି ଦେଖା ଯାଉଥାଏ । ପକ୍ଷୀ ସବୁ ବସା ଭିତରେ ଥାଇ ଟିକିଏ ଟିକିଏ କିଚିରି ମିଚିରି ଶବ୍ଦ କରୁଛନ୍ତି । ସକାଳ କୁ ସମସ୍ତଙ୍କ ଅପେକ୍ଷା, କାରଣ ସୂର୍ଯ୍ୟ ଆସିବା କ୍ଷଣି ସମସ୍ତେ କର୍ମଠ ହେଇଯିବେ । ସୁପ୍ତ ଧରିତ୍ରୀ ଜାଗ୍ରତ ହେବାରେ ତତ୍ପର, ହେଲେ ମୋର ସେମିତି କିଛି ପରିବର୍ତ୍ତନ ହେବାର ହିଁ ନାହିଁ । କାରଣ ମୋ ପାଇଁ ତ ରାତି, ଦିନ ସମାନ କାହିଁକି ନା ମୋର ଖାଇବା ଅଛି ନାଁ ପିଇବା ଅଛି ନାଁ ଅଛି ଡାକ୍ତର ଖାନା ଯିବାର, ନାଁ କାହାକୁ ମୁଁ ଆଉ ଦେଖି ପାରିବି, କୌଣସି କାର୍ଯ୍ୟ ମତେ କୋଉ ଅପେକ୍ଷା କରିଛି । ଏଇକଥା ଭାବି ଆଣ୍ଠୁ ଭିତରେ ମୁହଁଟାକୁ ଗୁଞ୍ଜି ଦେଇ ଛୋଟ ପିଲାଙ୍କ ଭଳି କଇଁ କଇଁ କାନ୍ଦୁଛି, ଧିର ଗଳାରେ ଶୁଭିଲା ବାପା । ମୋ ଝିଅର କଣ୍ଠ ପରି ଶୁଭିଲା, ଭାବିଲି ମୋ ମନରେ ଭ୍ରମ ନୁହେଁ ତ ? ମୁହଁ ଟିକୁ ଉଠେଇ ଦେଖିଲି ସତକୁ ସତ ମୋ ଧନ ଆସି ଠିଆ ହୋଇଛି ।

ପାଖକୁ ଗଲି ଦେଖିଲି ସେଦିନର ଭାଙ୍ଗି ପଡ଼ିଥିବା ଝିଅ ଆଜି ଏତେ ସାହାସୀ ପରି କେମିତି ଲାଗୁଛି । ତାର ବ୍ୟବହାର ସମ୍ପୂର୍ଣ୍ଣ ବଦଳି ଯାଇଛି । ମୁଁ ନିଜକୁ ବିଶ୍ୱାସ କରିପାରୁନି, ଏହା ସତ ନାଁ ସ୍ୱପ୍ନ । ମୋ ଲଭ୍‌ଲି ଡାକିଲା ବାପା, ସତରେ ମୁଁ ଆସିଛି । ମୋ ପାଖରେ ବହୁତ କମ୍ ସମୟ ଅଛି । ମୋ ପାଖକୁ ଆସ, ମୋତେ ଜମା ଅଧଘଣ୍ଟେ

ପାଇଁ ତୁମ ସହିତ ଦେଖାକରିବାକୁ ପରମିସନ୍ ମିଳିଛି । ମୋ ପାଖରେ ବହୁତ କମ୍ ସମୟ ଅଛି, ମୁଁ ତା ପାଖକୁ ଗଲି ସେ ତାର ଖିର ଦୁଇଟାକୁ ଜାଲିପଟେ ଦେଖେଇ କହିଲା ବାପ. ମୁଁ ନିରୁପାୟ ତୁମକୁ ବଞ୍ଚେଇବାର ଆଉ କୌଣସି ଉପାୟ ମୁଁ ପାଇଲି ନାହିଁ । ଭଗବାନ ଯେଉଁ ଦଣ୍ଡ ମୋତେ ଦିଅନ୍ତୁ କି ଯୋଉ ପାପରେ ମୋତେ ଭାଗି କରନ୍ତୁ । ହେ ପ୍ରଭୂ ମୁଁ ତୁମର ସବୁ ଦଣ୍ଡ ପାଇଁ ପ୍ରସ୍ତୁତ କିନ୍ତୁ ମୋ ସାମନାରେ ମୋ ବାପାଙ୍କର ଏପରି ମୃତ୍ୟୁକୁ ମୁଁ କେବେବି ସହି ପାରିବିନି । ଆଉ ମୋ ମାର ସିନ୍ଦୂର ଓ ବିକଳ କାନ୍ଦଣା କୁ ମୁଁ କେମିତି ଦେଖିବି ? ମୋ ପାଇଁ ତୁମକୁ ବଞ୍ଚିବାକୁ ପଡ଼ିବ, ଆଉ ବେଶି ବୁଝେଇଲେ ସମୟ ସରିଯିବ । ମୋ ରାଣ ଯଦି ମୋତେ ଦେଖିବାକୁ ଚାହୁଁଛ, ତେବେ ଶିଘ୍ର ଖାଅ ନ ହେଲେ ତୁମ ମୃତ୍ୟୁ ପୂର୍ବରୁ ମୁଁ ବି ନ ଖାଇ ନ ପିଇ ମରିଯିବି । ମୁଁ ଆଉ ଯୁକ୍ତି କରିବାଟା ଠିକ୍ ହେବନି, ତେଣୁ ସବୁ ପରେ ମୁଁ ମାନିନେଲି, ତା ପରେ ସେ ସବୁଦିନ ରାତିରେ ତା କୁନିପୁଅକୁ ଖିର ନ ଦେଇ ସକାଳୁ ମୋ ପାଖକୁ ଧାଇଁ ଆସେ । ଆଉ ମତେ ପେଟଭରି ଖିର ଦେଇ ଚାଲିଯାଏ । କଡ଼ା ସିକ୍ୟୁରିଟି ସତ୍ତ୍ୱେ ଏମିତି ୩ ମାସ ହେଇଗଲା । ଜେଲରଙ୍କ ମନରେ ସନ୍ଦେହ ଆସିଲା ୩ ମାସ ହେଲାଣି ଲୋକଟି ବିଞ୍ଚିଛି କେମିତି ? ବେସିହେଲେ ନ ଖାଇ ନ ପିଇ ୧୫ଦିନ କି ମାସେ ଜଣେ ବଞ୍ଚିପାରିବ । ହେଲେ ଏହାର ରହସ୍ୟ କଣ ? ଖାଲି ଦେଖାକରିବାକୁ ତ ଝିଅଟି ଆସେ । ତାକୁ ଆମେ ବହୁତ ଚେକ୍ ଚାକ୍ କରି ଛାଡୁ ଆଉ ସେ କେମିତି ସୁସ୍ଥ ଅଛି ? ଆଜି ସେଇ ଝିଅଟି ଆସିବା ବେଳକୁ ଦୁଇଟି କନେଷ୍ଟବଳଙ୍କୁ ନିର୍ଦ୍ଦେଶ ଦେଲେ । ଝିଅଟି ଉପରେ ସଂପୂର୍ଣ୍ଣ ଭାବେ ନଜର ରଖିବ । ଦୁଇଜଣ ଜାକ ଏପରି ଦୃଶ୍ୟ ଦେଖି, ଆଶ୍ଚର୍ଯ୍ୟ ହେଇଗଲେ । ଆଉ କନେଷ୍ଟବଳ ଦୁଇଜଣ ଜେଲରଙ୍କୁ କହିଲେ । ଆଉ ଜେଲର ଦଣ୍ଡ ବିଧାନ ବଢ଼େଇ ଦେଲେ, ବାପ-ଝିଅ ଦୁଇଜଣଙ୍କୁ ଦଣ୍ଡ ଦିଆଯାଉ ବୋଲି କୋର୍ଟରେ ଜଣେଇଲେ । କୋର୍ଟରେ କେସ୍ ଚାଲିଲା ଜଜ୍ ଜଣଙ୍କ ଥିଲେ ସତରେ ଧର୍ମାବତାର, ସେ ତାଙ୍କ ରାୟରେ ଶୁଣାଇ ଲେ....

ନାରୀ ଯେତେବେଳେ ମା ହେଇଯାଏ, ସେ ଜଣଙ୍କୁ ସୃଷ୍ଟି କରିପାରେ ଆଉ ତାର ଦୁଇଧାର ଅମୃତରେ ଛୁଆଟିର ଜୀବନ ବଞ୍ଚାଇବା ସହ ପେଟ ଭରି ଖାଦ୍ୟ ଦେଇପାରେ । ତାହା କେବଳ ଗୋଟେ ମା ପକ୍ଷେ ସମ୍ଭବ । ଆଉ ମା ଯାହା ଖାଏ ତାର ଖାଦ୍ୟ ତାର ଶରୀରରେ ରୂପାନ୍ତର ହୋଇ ଅମୃତ ରୂପେ ତା ଛାତି ଦେଇ ଝରିଯାଏ । କେବଳ ମା ଟିଏ ହିଁ ଅମୃତ ଦାନ କରିପାରେ । କାରଣ ଖିର ହେଉଛି ପଞ୍ଚାମୃତରୁ ଗୋଟିଏ ଅମୃତ । ଆଉ ଏ ଲୋକର ସଜା ତ ତାକୁ ମାରି ସାରିଛି । ଆଉ ମୃତ ଲୋକକୁ ସଜା ଦେବାକୁ ମୋର ଶକ୍ତି ଆସିଲା କେଉଁଠି ? ବେଶିହେଲେ ୧୫ଦିନ ଭିତରେ ତ ସେ ମରିଯାଇଥାନ୍ତା । ଆଉ ଦୋଷ କେଉଁଠି ରହିଲା ବାପା-ଝିଅଙ୍କ ନିବିଡ଼ ଭଲ ପାଇବାରେ ନାଁ ଦେବୀଟି ଅମୃତ ଦାନ କରିବାରେ । ଯଦି ସେହି ଅମୃତ ଦ୍ୱାରା କାହାର ଜୀବନ ରକ୍ଷା ହେଲା ଏବଂ ଜଣେ ମୃତ୍ୟୁର ଦ୍ୱାର ଦେଶରୁ ଝିଅଟି ବାପାଟିକୁ ଟାଣି ଆଣିଲା ଏଥିରେ ଅପରାଧ ରହିଲା କେଉଁଠି ? ତେଣୁ ମୁଁ ସେଇ ଝିଅ ରୂପେ ମା ଟିକୁ ତା ବାପାଙ୍କୁ ତାକୁ ଦେଇ ଦେଉଛି । ଆଉ ବାପା ପାଇଁ ଏଠିତ ବଡ଼ ପଦକ୍ଷେପ କେହିକେବେ ନେବା ମୁଁ ଶୁଣିନି । କୋଉ ପୁରାଣ ବି କୌଣସି ଏଭଳି ଆଶ୍ଚର୍ଯ୍ୟ ଓ ସାହାସ ଥିବା ନାରୀ ମୁଁ ଦେଖିନି । ସେହି ଝିଅକୁ ଲକ୍ଷେ ସଲାମ୍ । ତେଣୁ ସେହି ଯୋଗଜନ୍ମା ଝିଅ ରୂପକ ମାକୁ ମୋ ତରଫରୁ ତା ବାପାଙ୍କୁ ରାଜକ୍ଷମା ଦେଇ ନିର୍ଦ୍ଦୋଶରେ ଖଲାସ କରିଦିଆ ଯାଉ ।

ଜନସାଧାରଣଙ୍କ ଉଦେଶ୍ୟରେ ଜଜ୍ କହିଲେ, ଆଜିର ଦୁନିଆ ଝିଅକୁ କୋଉ ଗୋବର ଖାତରେ ତ କୋଉ ଡଷ୍ଟବିନ୍ ରେ ଝିଅ ହେଲେ ଫୋପାଡ଼ି ଦେଉଛନ୍ତି । ହେଲେ ମୁଁ ଶୁଣିଥିଲି ପୁଅପରି ହେଇ କାହା ଝିଅ ପୋଲିସ୍ ହେଇଛି କି କାହାର ବାପା ମରିଯିବା ପରେ ଝିଅ ପ୍ରତିଶୋଧ ନେଇଛି, କି ଡାକ୍ତର, ଓକିଲ, ଜଜ୍ ହେଇ ନାଁ କରିଛନ୍ତି । ହେଲେ ଏ ବିରଳ ମା ଠିକ୍ ଧରିତ୍ରୀ ମାର ଅନ୍ୟଏକ ରୂପ । ମା ଧରିତ୍ରୀର ଯେମିତି ବାଛ, ବିଚାର ନାହିଁ । ଛାତିକୁ ଜନ ହିତପାଇଁ ଦୁଇଫାଳ କରିଦିଏ । ଆଉ ବୁଢ଼ା ଟୋକା, ଛୋଟ ଛୁଆକୁ ଆରମ୍ଭ କରି ଚୋର, ଦାଗି ପର୍ଯ୍ୟନ୍ତ ସମସ୍ତଙ୍କୁ ମା ତାର ଖାଦ୍ୟ ବାଣ୍ଟି ଚାଲେ । ଏ ମା ଟି ମୋର ଠିକ୍ ଧରିତ୍ରୀ ମା ପରି କୋଉ ରୂପରେ ତାକୁ କାହାସାଙ୍ଗରେ ଆଜି ସମାନ କରିବି ଭାଷା ପାଉନି । ପଥରଟି ଯେତେବେଳେ ଦେବୀରେ ପରିଣତ ହୁଅନ୍ତି, ବହୁତ ନିହାଣ ପାହାର ଖାଇ,

ଖାଇ ଦେବୀ ରୂପେ ପୂଜା ପାଆନ୍ତି । ଆଉ ଯେତେବେଳେ ଆଶୀର୍ବାଦ ଦିଅନ୍ତି, କାହାକୁ ପୁତ୍ରବତୀ କରନ୍ତି ତ କାହାକୁ ଧନ୍ୟବାଦ୍ କରାନ୍ତି । ଆଉ କାହାର ଜୀବନ ଦାନ ଦିଅନ୍ତି । ଏଇ ଝିଅଟି ବାପା ଦୁଃଖରେ ପଥର ହେଇଯାଇ ଥିବା ଝିଅଟି ନିହାଣ ରୂପକ ନିନ୍ଦାକୁ ସହି ସହି ଅମୃତ ର ଧାର ଦେଇ ବାପାକୁ ବଞ୍ଚେଇ ପାରିଲା । ସତରେ ମା ହିଁ ଅମୃତ ପ୍ରଦାୟିନୀ । ମୋର ସମସ୍ତ ମାଙ୍କୁ କୋଟି କୋଟି ପ୍ରଣାମ । ଜଣେ ମା ଜୀବନ ଦାନ ଦେଇ ଥିବା ବାପାଟିକୁ ମୁଁ ବା କେମିତି ମାରି ପାରିବି ।

ଏହି ରାୟ ଶୁଣି ଆମେ ବାହାରକୁ ଆସିଲୁ । ଆଉ ମୋ ସାଙ୍ଗ ନରେନ୍ଦ୍ର ଆମକୁ ଯେମିତି କୋଉ ଜନ୍ମରୁ ଅପେକ୍ଷା କରିଛି ।

ମିଡ଼ିଆ ବାଲା ଆସି ମତେ ଘେରିଗଲେ । ସବୁ କହିବା ପରେ ସେ ପଚାରିଲେ ଡାକ୍ତରଙ୍କ ଉଦ୍ଦେଶ୍ୟରେ କିଛି ବାର୍ତ୍ତା ଦିଅ, ତୁମେ ତ କର୍ତ୍ତବ୍ୟରେ ବହୁତ ଭଲ ଡାକ୍ତର ମୁଁ ତାଙ୍କୁ ଏତିକି ମୋର ବାର୍ତ୍ତାରେ କହିଲି,

ମୁଁ ଦୁନିଆକୁ ଆସିଛି, ଭଗବାନଙ୍କ ନିର୍ଦ୍ଦେଶରେ ଭଗବାନ ଦେଇଥିବା କାମକୁ ମୁଁ ମୋର ବ୍ରତ ରୂପେ ଗ୍ରହଣ କରିଛି । ମୁଁ ମୋ କର୍ତ୍ତବ୍ୟ କରୁ କରୁ ଯଦି କାହା ଭାଗ୍ୟ ସେଥିରେ ଯୋଡ଼ିହେଇ ଯାଏ, ଆଉ ମୁଁ ଦୋଷୀ ସାବ୍ୟସ୍ତ ହେଇଯାଏ ସେଇଠି ମୁଁ ବି କଣ କରିପାରିବି ? ହେ ଭଗବାନ ମୋତେ କ୍ଷମା କର, ମୋର ଆଜି ଟିକେ ଅସାବଧାନତା ଯୋଗୁଁ ମୁଁ ଦୋଷୀ ହେଇଗଲି, ପ୍ରତ୍ୟେକ ଡାକ୍ତର ରୋଗୀର ଭଗବାନ ଭଳି । ତେଣୁ ସମସ୍ତ ଡାକ୍ତର ପ୍ରଥମେ ଭାବିବା ଦରକାର କଷ୍ଟ ଯନ୍ତ୍ରଣାରୁ ରକ୍ଷା କରିବା ଆମର ଧର୍ମ, ବ୍ରତ, ଲକ୍ଷ୍ୟ ତେବେ ଯାଇ ଆମକୁ ଭଗବାନ ପଠେଇଥିବା ଉଦ୍ଦେଶ୍ୟ ଭଗବାନଙ୍କର ସଫଳ ହେବ । ଆଉ ପ୍ରତିଟି ଅମୂଲ୍ୟ ଜୀବନକୁ ବଞ୍ଚେଇବାକୁ ଚେଷ୍ଟାକରିବା ଦରକାର । ବହୁତ ଦେଖି ପରଖି ଖୁବ୍ ସତର୍କତାର ସହିତ କାମ କରିବା ଉଚିତ୍, କାରଣ ଗୋଟିଏ ଜୀବନ ଉପରେ କେତେଜଣ ଯେ ନିର୍ଭର ତାହା ତୁମେ ସବୁବେଳେ ନଜର ରଖିବା ଦରକାର । ସବୁବେଳେ ରୋଗୀର ଚିତ୍କାର ଏବଂ ଯନ୍ତ୍ରଣାକୁ ନିଜକୁ ଭାବିବା ଦରକାର । ଆଜି ମୁଁ ରୋଗୀ ହେଇଥାନ୍ତି ଆଉ ସେ ଡାକ୍ତର ହେଇଥାନ୍ତା ନିଜେ କଷ୍ଟଟାକୁ ଉପଲବ୍ଧ କରିବା ଦରକାର । ପରିଶେଷରେ ଭଗବାନ ଆମକୁ ଜନ୍ମ ଦେଇନାହାନ୍ତି ସୁରମ୍ୟ ଅଟ୍ଟାଳିକାରେ ବିଳାସ ବ୍ୟସନ ଜୀବନ ବିତେଇବା କିମ୍ବା ଚାକଚକ୍ୟ ଦୁନିଆରେ ହଜିଯିବା ପାଇଁ ପୁଳାଏ ଅର୍ଥ ଉପାର୍ଜନା କରିବା ପାଇଁ । ଏକ ଭିନ୍ନ ନିଃସ୍ୱାର୍ଥପର ଜୀବନ ତ୍ୟାଗର ଜୀବନ, କାରଣ ଆମେ ଜୀବନ ରକ୍ଷା କରୁ । ମୋ କୋଳକୁ ପୁଅ, ସ୍ତ୍ରୀକୁ ସ୍ୱାମୀର ଜୀବନ ଫେରାଇବା ଆମଦ୍ୱାରା ସମ୍ଭବ ହୋଇଥାଏ । ଏହା କଣ ଆମର ଗର୍ବ ନୁହେଁ । ତେଣୁ ଏହାକୁ କେବେ କୌଣସି ପଇସା ସାଙ୍ଗରେ ତଉଲିବାକୁ କୌଣସି ଡ଼ାକ୍ତର ମନରେ ନଆସୁ । ଜୀବନ ବଞ୍ଚେଇବା ଠୁ ବଡ଼ କୋଠା, ବଡ଼ ଗାଡ଼ି ତୁଚ୍ଛ । ସବୁ ଡ଼ାକ୍ତରମାନେ ହୃଦୟଙ୍ଗମ କରିବାକୁ ମୋର ନିବେଦନ ।

ଆଉ ମୋ ଝିଅଭଳି ସବୁ ବାପା ଏବଂ ଝିଅକୁ ମୋର ଛୋଟ କଥା - ଝିଅମାନେ ହେଉଛନ୍ତି ଅମୂଲ୍ୟ ମୋତି । ମୋର ଏତିକି ଅନୁରୋଧ ଝିଅମାନଙ୍କର ଅପବ୍ୟବହାର କରା ନ ଯାଉ । ଯେପରି ଛୋଟବେଳେ କୋଉ ଝିଅକୁ ଗୋବର ଖାତରେ ତ, ପୁଣି ବଡ଼ ହେଲେ କାହାକୁ ଦଲାଲ୍‌ଙ୍କୁ ଟେକି ଦେଇ ବିଦେଶ ଚାଲାଣ ନ ହୁଅନ୍ତୁ । ସେମାନେ ଧର୍ଷଣର ଶିକାର ନ ହୁଅନ୍ତୁ । ସବୁ ଝିଅଙ୍କୁ ଦେବୀ ମାଙ୍କ ଶକ୍ତି ରୂପେ ସମସ୍ତଙ୍କ ଭାବନା ଆସୁ ।

ଝିଅମାନେ ମଧ୍ୟ ନିଜେ ଦୁଃଖ ଆସିଲେ କେବେ ଭାଙ୍ଗିଯିବା ସିଖନି । ଦୁଃଖରେ ନିଜକୁ ଚିହ୍ନ ଏବଂ ଦୃଢ଼ ହୁଅ । ଶକ୍ତି ତୁମ ଭିତରେ ସର୍ବଦା ଅଛି । କେବଳ ଜାଗ୍ରତ କରିବା ତୁମର କର୍ତ୍ତବ୍ୟ । ତୋଫାନ୍‌ରେ ଲଢ଼ିକି ଖୁସିକୁ ସାଉଁଟ । ଜୀବନରେ କେବେ ହାରି ଯାଅନି । ଆଉ ଯାଇଥିବା ଦୁଃଖକୁ ମନେପକେଇ ଆଜିର ସାହସ, ବଳ, ଶକ୍ତି ଓ ଖୁସିକୁ ନଷ୍ଟ ହବାକୁ ଦିଅନି ।

୦୦୦

# ମୁକ୍ତି

ଜୟଶ୍ରୀ ଦାସ

ରାତି ପାହିଲେ ମହାଶିବରାତ୍ରୀ । ଜାଗର ଓଷା । ଠାକୁରଙ୍କ ପାଖରେ ମହାଦୀପ ଉଠିବ । ଏହାକୁ ଦେଖିବାକୁ ଓପାସ ରହି ଭକ୍ତ ଆକୁଳ ଚିତ୍ତ ରେ ଓ ଏକ ନୟନରେ ଚାହିଁରହିଛନ୍ତି ନିଜ ଦେହକୁ କଷ୍ଟ ଦେଇ ମହାଦେବଙ୍କ ନିକଟରେ ନିଜକୁ ସମର୍ପିତ କରିବେ । ଭିଡ଼ ଭିତରେ ବି ତାଙ୍କର ଇଚ୍ଛା ଆମେ ଦେଖିସାରି ଭୋଗ ପାଇବୁ । ବର୍ଷକରେ ଥରେ ଏଇ ଦିନଟି ଏକ ଅଭୁଲା ଓ ସ୍ମରଣୀୟ ଦିନ । ଭକ୍ତଙ୍କ ପାଇଁ ଈଶ୍ୱର ତ ସବୁବେଳେ ବନ୍ଧା । ଯିଏ ନିର୍ମଳ ମନରେ ଡାକେ ଯେଉଁଠି ଥିଲେ ବି ଈଶ୍ୱର ତା' ଡାକ ଶୁଣନ୍ତି । ସେଥିପାଇଁ କହନ୍ତି, ମନ ସଫା ଥିଲେ ଗଡ଼ିଆ ଗଙ୍ଗା । ସମସ୍ତେ ଚାହିଁଲେ ବି ଯାଇପାରିବେ । ମନ୍ଦିର ବୋଲି କିଛି କଥା ନାହିଁ । ଡୋରି ନ ଲାଗିଲେ ମନ୍ଦିର ବା ଈଶ୍ୱରଙ୍କୁ ଦର୍ଶନ କରିବା ସହଜ ନୁହେଁ, କିନ୍ତୁ ମନପ୍ରାଣରେ ଈଶ୍ୱରଙ୍କୁ ଡାକିହୁଏ ଓ ପାଇହୁଏ । ଯେଉଁଠି ବି ଥାଉ ଈଶ୍ୱର ତା'ଡାକ ଶୁଣିବେ ନିଶ୍ଚୟ । ସେ ତ ଭକ୍ତର ମନ କଥା ବୁଝିଥାନ୍ତି । କାହିଁକିନା ମନ ମନ୍ଦିରରେ ଠାକୁରଙ୍କୁ ପୂଜାକରି ହୁଏ । ଆଖିର ଲୁହ ଢ଼ାଳି ମନ କଥା କହିହୁଏ ।

ସବୁ ବର୍ଷ ଶୁଭସ୍ମିତା ଏଇ ମହାଶିବରାତ୍ରୀ ଦିନ ମନ୍ଦିର ଯାଆନ୍ତି, କିନ୍ତୁ ଏ ବର୍ଷ ରବିବାର ପଡୁଥିବାରୁ ଦିନଯାକ କାମ ବ୍ୟସ୍ତ । ସ୍ୱାମୀ ଓ ପିଲାମାନଙ୍କୁ ଦେଖିବା ତାଙ୍କ ପାଇଁ ରୋଷେଇ କରିବା, ତାଙ୍କୁ ଖାଇବାକୁ ଦେବା ଇତ୍ୟାଦି ନ କଲେ କିଏ କରିବ । ସେ ତ ଏକୁଟିଆ । କର୍ମବ୍ୟସ୍ତ ମଣିଷଟିଏ । ମହାଦେବ ତା'ମନକଥା କ'ଣ ଜାଣୁ ନାହାନ୍ତି ? ଭାବିଲେ ସମୟ ହେଲେ ଯିବି ନ ହେଲେ ନାହିଁ । ଏଇ ତ ସଂସାର । ମନ ଭିତରେ ଯଦି ମହାଦେବ ଥାଆନ୍ତି ତେବେ ଦର୍ଶନ କରିବା ବଡ଼କଥା ନୁହେଁ । ପଡ଼ିଶାଘରର ବୋହୂ ରୀତା ପଚାରିଲେ ଆପଣ ଯିବେ ନା ନାହିଁ ମନ୍ଦିର ? ସେ କହିଲେ ତମେ ଯାଅ । ମୁଁ ସଂସାର ଭିତରେ ମହାଦେବଙ୍କୁ ଉପଲବ୍ଧି କରୁଛି । ଭକ୍ତି, ସେବା ଓ ପୂଜା ଏମିତି ଜିନିଷ ଏଥିପାଇଁ ତପସ୍ୟା ଦରକାର । ଯେମିତି ପାର୍ବତୀ ଶିବଙ୍କୁ ପାଇବା ଲାଗି କଠିନରୁ କଠିନତର ତପସ୍ୟା କରି ଶେଷରେ ଜୟ ଲାଭ କରିଥିଲେ ଓ ତାଙ୍କୁ ବିବାହ କରି ସ୍ୱାମୀ ରୂପରେ ଗ୍ରହଣ କରିଥିଲେ । ଶିବ, ପାର୍ବତୀ, କାର୍ତ୍ତିକ ଓ ଗଣେଶ ପରି ମୋର ବି ଦୁଇପୁଅ ଓ ପରିବାରରେ ଆମେ ଚାରିଜଣ । ପ୍ରତ୍ୟେକ ଠାକୁରଙ୍କର ଉଜ୍ଜ୍ୱଳ ଓ ତ୍ୟାଗର ଦୀପ୍ତିମୟ କାହାଣୀ ରହିଛି । ଯାହାଙ୍କର ମହିମା ଓ ପ୍ରେମର ଉଜ୍ଜ୍ୱଳ ଦୃଷ୍ଟାନ୍ତ ରହିଛି । ପ୍ରେମ ଓ ଭକ୍ତିରେ ହିଁ ସମସ୍ତଙ୍କୁ ସନ୍ତୁଷ୍ଟ କରିହୁଏ ଓ ଈଶ୍ୱରଙ୍କୁ ପାଇହୁଏ । ସଂସାର ବା କୌଣସି ଜଟିଳ ପରିସ୍ଥିତିର ସମ୍ମୁଖୀନ ହେଲାବେଳେ ତ୍ୟାଗ ଓ ପ୍ରେମର ବିପୁଳ ଆବଶ୍ୟକତା ରହିଛି । ତେଣୁ ନିଜେ ଦୁଃଖରେ ରହି ଅନ୍ୟକୁ ଖୁସି କରିବା ମୋର କର୍ତ୍ତବ୍ୟ । ଅଧାକାମ ପକାଇ ଚାଲିଯିବାଟା ଅସୁନ୍ଦର । ସେମାନେ ଖାଇସାରିବା ପରେ ଶାନ୍ତି ଅନୁଭବ କରିବେ । ସେଥିରେ ମୁଁ ଖୁସି ହେବି । ମଣିଷ ତ ଈଶ୍ୱର ।

ଜଣେ ଗୃହିଣୀ ପାଇଁ ତା' ସଂସ୍କାର ବଡ଼ ନା ମନ୍ଦିର ? ସ୍ୱାମୀକୁ ହୃଦୟର ଦେବତା କହନ୍ତି । ପୂଜା କରନ୍ତି । ଆଜିକାଲି ଯୁଗରେ କେତେଜଣ ପୁରୁଷ ଓ ନାରୀ ଏହାକୁ ପାଳନ କରୁଛନ୍ତି ? ପରସ୍ପର ସହ ମନ ମିଶିଲେ ଘର ମନ୍ଦିର ବା ସ୍ୱର୍ଗ ହୁଏ । ନଚେତ୍ ଅଶାନ୍ତିର କାରଣ ହୁଏ । ସ୍ନେହପ୍ରେମରେ ପରସ୍ପର ବାନ୍ଧିହେବା ଉଚିତ୍ । ଯେଉଁଠି ସ୍ୱାମୀକୁ ଦେବତା କହି ସ୍ତ୍ରୀ ପୂଜା କରେ, ସେ ଘର ମନ୍ଦିର ସାଙ୍ଗେ ସମାନ । ମୋ' ସ୍ୱାମୀ ଭଲ ହେଉ କି ମନ୍ଦ ହେଉ ମୁଁ ତ ମୋର କର୍ତ୍ତବ୍ୟ କରେ ଓ ତାଙ୍କୁ ସନ୍ତୁଷ୍ଟ କରିବାକୁ ଚେଷ୍ଟା କରେ । ମୋର ଭୁଲ୍ ଥାଉ କି ନ ଥାଉ ମୁଁ ତାଙ୍କୁ ଉଦାର ବକ୍ଷରେ ମୁକ୍ତ କରେ ଓ ଲୁହ ଗଡ଼ାଇ ଆଖିରୁ ଈଶ୍ୱରଙ୍କ ପାଖେ ନିଜେ ମୁକ୍ତି ପାଏ । କହେ ହେ ମହାଦେବ, ମୋତେ ସହିବା ଶକ୍ତି ଦିଅ । ମୁଁ ଦୁଃଖର ବିନ୍ଦୁରୁ ମହାସିନ୍ଧୁ ଅତିକ୍ରମ କରେ ଓ ତୁମକୁ ପାଏ, ମୋ'ମନ ମନ୍ଦିରରେ ଦୀପଟିଏ ଜାଳି ।

ସ୍ତ୍ରୀ ସ୍ଥାନ ସବୁବେଳେ ସ୍ୱମୀର ଚରଣରେ । ସ୍ୱାମୀକୁ ନେଇ ତା' ସଂସାର ତଥା ପରିବାର । ସ୍ୱାମୀ ନଥିଲେ ଘର ଶୂନ୍ୟ ମନେହୁଏ । ସ୍ୱାମୀକୁ ଖୁସି କରାଇବା ତାର କାମ ।

କଥାରେ ଅଛି -

"ସକଳ ତୀର୍ଥ ତୋ ଚରଣେ
ବଦ୍ରିକା ଯିବି କି କାରଣେ ।"

ଜଣେ ନାରୀର ପରିଚୟ ତା'ର ଶଙ୍ଖା ଓ ସିନ୍ଦୂର, ଯାହା ଧନଠୁ ବି ଅଧିକ ମୂଲ୍ୟ । ସେତକ ନ ଥିଲେ ତାର ରୂପର ମହତ୍ତ୍ୱ ନ ଥାଏ । ତେଣୁ ଆଖିର ଲୁହରେ ବ୍ୟଥା ଓ ବେଦନାରେ ପ୍ରେମର ଅମାପ ପରିଧି ଭିତରେ ସମର୍ପି ଦିଏ ତୁମ ପାଶେ ନିଜକୁ କାରଣ ମୁଁ ଚାହେଁ ସ୍ୱାମୀ ଥାଉ ଥାଉ ମୁଁ ଚାଲିଯାଏ ଆରପାରିକୁ । ଶାନ୍ତି ପାଇବାକୁ ନିଜର କର୍ତ୍ତବ୍ୟ ସାରି ମୋକ୍ଷ ହୁଏ, ମୁକ୍ତି ପାଏ ।

କେଦାରଗୌରୀ ବିହାର, ଭୁବନେଶ୍ୱର

୦୦୦

# ଏ ଯୁଗ ସାବିତ୍ରୀ

ଡକ୍ଟର ପଦ୍ମଲୋଚନ ମହାକୁଡ଼

ନିବିଡ଼ ଅନ୍ଧକାର ଭିତରେ ଦୁଇଜଣ ଅତି ପାଖାପାଖି । ମନେହେଉଛି ଜଣେ ଜଣକୁ ଭଲପାଏ । ଜଣେ ଯୁବକ ଓ ଅନ୍ୟ ଜଣେ ଯୁବତୀ । କୋଡ଼ିଏ କି ଏକୋଇଶି ବର୍ଷର ଯୁବତୀଟି । ଆଧୁନିକା ଓ ଆଭିଜାତ୍ୟ ପରିବାରର ଅଲିଅଳୀ କନ୍ୟା । ଗୋଲାପି ରଙ୍ଗର ଶାଢ଼ି ଓ ଫିକା ଆସମାନି ରଙ୍ଗର ବ୍ଲାଉଜ୍ ଉପରେ ଚମ୍ପା ରଙ୍ଗର ଉ ତ୍ତ ରୀୟ । ନିମ୍ନାଙ୍ଗ ଉପରେ ଆଲୋକ ନ ପଡ଼ିଲେ ସୁଦ୍ଧା ଅନୁମାନରେ ବୁଝାଯାଉଥାଏ ଶାଢ଼ି ଓ ବ୍ଲାଉଜ୍‌ର ରଙ୍ଗ । ସେହିପରି ବୁଝାଯାଉଥାଏ ଯୁବକଟିର ବେଶ ବାସ । ମୂଲ୍ୟହୀନ ପୋଷାକରେ ଆଭିଜାତ୍ୟହୀନ ସ୍ପର୍ଶ । ସମୟର ଗତିରେ ଭଲପାଇବା ସରିଯାଇଛି । ସମୟର କରାଳ ଗତିରେ ଜଣେ ସ୍ୱାମୀ ଅନ୍ୟ ଜଣେ ସ୍ତ୍ରୀ । ପୁଣି ସେହି ସମୟ ସ୍ରୋତରେ ନିବିଡ଼ ଅନ୍ଧକାର ଭିତରେ ସାମ୍ନାସାମ୍ନି ସେହି ଦୁଇଜଣ ।

କିନ୍ତୁ ସଙ୍ଗେ ସଙ୍ଗେ ଯୁବତୀଟି ଚିତ୍କାର କରିଉଠିଲା - କିଏ ତୁମେ ! କାହିଁକି ତୁମେ ମୋ ଘରକୁ ଆସିଛ ?

ବିକଟ ହାସ୍ୟ କରିଉଠିଲା ସେହି ରହସ୍ୟମୟ ପୁରୁଷ । ପ୍ରେତକ ହସ ପରି ବିକଟ ଓ ଭୟଙ୍କର ।

କିଏ ? କିଏ ତୁମେ ? ନାରୀଟି ଚମକିପଡ଼ିଲା ପୁଣି ।

ଗୋଟିଏ କ୍ରୋଧ ଗର୍ଜନ ଶୁଣାଗଲା ।

– ମୋତେ ଚିହ୍ନିପାରୁନା ସାବିତ୍ରୀ । ଜାଣେ ତୁମେ ମୋତେ ଚିହ୍ନିପାରିବ ନାହିଁ । ଆଜି ଯଦି ସାତବର୍ଷ ତଳର କଥା ମନେପକାନ୍ତ ତାହାହେଲେ ଅକ୍ଲେଶରେ ମୋତେ ଚିହ୍ନିପାରନ୍ତ । ତୁମେ ଭୁଲିଯାଇଛ କି ତୁମ ଜୀବନର ପ୍ରଥମ ପୁରୁଷକୁ, ଯିଏ ତୁମକୁ ସ୍ନେହ, ପ୍ରେମ ଦେଇ ହୃଦୟର ଦେବୀ ରୂପେ ବରଣ କରି ସଜାତି ଓ ଧର୍ମ ଉପରେ ସେଦିନ କୁଠାରଘାତ କରିଥିଲା । ଏତେଶୀଘ୍ର ଭୁଲିଗଲ ତା'କୁ ?

– ନା - ନା - ନା, ତୁମେ ଯାଅ ? ତୁମେ ଏଠାରୁ ଚାଲିଯାଅ ଅରବିନ୍ଦ.... ତୁମେ ଯାଅ । ଅଧୀର କଣ୍ଠରେ କହିଲା ନାରୀଟି ।

ହାଃ - ହାଃ - ହାଃ ! ପୁଣି ସେହି ବିକଟ ହସ ହସି ପୁରୁଷଟି କହିଲା - ହଁ ଚାଲିଯିବି । ଯିବା ଆଗରୁ ଯୁଧିଷ୍ଠିର ପତ୍ନୀ ସାବିତ୍ରୀକୁ ସର୍ବନାଶ ନ କରି ପାଦେ ମାତ୍ର ଯାଇପାରିବି ନାହିଁ । ସାବିତ୍ରୀ, ହଁ - ହଁ ସାବିତ୍ରୀ, ପୁରାଣ ବର୍ଣ୍ଣିତ ସାବିତ୍ରୀ । ସାତ କନ୍ୟା ଭିତରୁ ଜଣେ କନ୍ୟା । ଯାହାର ସ୍ମରଣରେ ମହାପାତକ ନାଶ ହୁଏ । ସେହି ସାବିତ୍ରୀର ଚରିତ୍ର କହି ଦେଇଯିବି ତାହାର ସ୍ୱାମୀ ପାଖରେ । ମୁଁ ନ କହିବା ପର୍ଯ୍ୟନ୍ତ ଏଠାରୁ ଯାଇନାହିଁ ସାବିତ୍ରୀ । କହୁ କହୁ ଆଗେଇ ଆସିଲା ସେହି ଯୁବକଟି । ପଛେଇ ପଛେଇ ଚାଲିଥାଏ ସାବିତ୍ରୀ ।

– ଅରବିନ୍ଦ! ନିଷ୍ଠୁର ହୁଅନା ଅରବିନ୍ଦ! ତୁମ ନିକଟରେ ମୁଁ ସତୀ ନୁହେଁ । କିନ୍ତୁ ମୋ'ର ସ୍ୱାମୀ, ନା - ନା ତୁମେ ତାହା କେବେ କରିପାରିବ ନାହିଁ । ସେ ମୋତେ ଅନ୍ତରର ସହିତ ଭଲପାଆନ୍ତି । କୁଳବଧୂର ମର୍ଯ୍ୟାଦା ଦେଇଛନ୍ତି । ଆମ ଘରକରଣା ଭାଙ୍ଗି ଦିଅନା ଅରବିନ୍ଦ!

– ଘରକରଣା, ଛି - ଛି ଲଜ୍ଜା ହୁଏନା ତୁମକୁ । ଘରକରଣା କରିବା କଥା ତୁମେ କି ସେଦିନ କହି ନଥିଲ ? ତା'ପରେ ତୁମେ କ'ଣ କଲ ?

ଯେତେବେଳେ ତୁମେ ବୁଝିପାରିଲ ଦରିଦ୍ରକୁ ତୁମେ ଭଲପାଉଛ, ଅଙ୍ଗଦାନ ଦେଇଛ, ସେତେବେଳେ କେବଳ ରୂପ ଧନ ଦେଖି ବିଭା ହେଲ ଏହି ଧନୀ ପୁତ୍ର ଯୁଧିଷ୍ଠିରଙ୍କୁ । ସେତେବେଳେ ମନେପଡ଼ିଥିଲା କି ଏହି ହତଭାଗାର କଥା ? ଆଜି ଯୁଧିଷ୍ଠିର ତୁମର ସ୍ୱାମୀ । କିନ୍ତୁ ସେଦିନ ଯାହାକୁ ସ୍ୱାମୀ ବୋଲି ବରଣମାଳା ଦେଇ ଯୌବନ ଅର୍ପଣ କରିଥିଲ ତାକୁ କ'ଣ ତୁମେ ଭୁଲିଗଣ ସାବିତ୍ରୀ ? ହେ ମହିମାମୟୀ ନାରୀ ! ତୁମେ ଧନ୍ୟ ! ତୁମର ପ୍ରେମ ଧନ୍ୟ - ତୁମର ପତିପରାୟଣତା ଧନ୍ୟ ....

– ଅରବିନ୍ଦ ! ଅରବିନ୍ଦ ! ତୁମେ ଏଠୁ ଚାଲିଯାଅ ଅରବିନ୍ଦ । ତାଙ୍କ ଫେରିବାର ସମୟ ହୋଇଯାଉଛି, ତୁମେ ଫେରିଯାଅ ।

– କିନ୍ତୁ ମୁଁ ଚାଲିଯାଉଛି ମହିମାମୟୀ ନାରୀ, ତୁମେ ଯଦି ପ୍ରକୃତରେ ମୋତେ ଭଲପାଅ ତା'ହେଲେ ଫେରିଆସ ମୋ' ପାଖକୁ ।

– ଅରବିନ୍ଦ ! ତାହା ହୋଇପାରେନା । ଯାହା ସାଙ୍ଗରେ ମୋ'ର ହସ୍ତଗ୍ରନ୍ଥି ପଡ଼ିସାରିଛି ସେ ମୋର ସର୍ବସ୍ୱ! ମୁଁ ତାଙ୍କର ଦାସୀ ।

– ଦାସୀ, ହାଃ..... ହାଃ.... ହାଃ... । ହସିଉଠିଲା ପୁରୁଷଟି । ଚାଲିଯାଉଛି । ନମସ୍କାର । ଗୁଡ୍ ନାଇଟ୍..... ।

ନିବିଡ଼ ଅନ୍ଧକାର ରାତିଟି ଢୁଳେଇ ଢୁଳେଇ ପାହିଗଲା । ବିହଙ୍ଗମଗଣ ନିଜ ନିଜର କୁଟୀର ଛାଡ଼ି ଚାଲିଗଲେ କେଉଁ ଅଜଣା ରାଜ୍ୟକୁ ଖାଦ୍ୟ ପାଇଁ । ଯୁଧିଷ୍ଠିର ଚାଲିଛି ତାହାର କାର୍ଯ୍ୟରେ । ମନେହେଉଛି ଅରଣ୍ୟ ତା'ର ସାଥୀ । ନିତିଦିନ କାଠ ବିକି ପେଟ ପୋଷୁଛି । ଇତିମଧ୍ୟରେ ସାବିତ୍ରୀର ଗୋଟିଏ ବୋଲି ପୁତ୍ର ।

ଯୁଧିଷ୍ଠିର ଆଜି ତା'ର କାମକୁ ହେଳା କରିନାହିଁ । ଚାଲିଛି ତା'ର ସାଙ୍ଗସାଥୀଙ୍କୁ ନେଇ । ତା'ର ପ୍ରିୟତମ ସାଙ୍ଗ ହରିଆ ମଧ ଚାଲିଛି କାଠ କାଟି ବଜାରରେ ବିକ୍ରି କରିବା ପାଇଁ । ଯୁଧିଷ୍ଠିର ମନ ଆନନ୍ଦରେ ନାଚୁଛି । ତା'ର ଗୋଟିଏ ବୋଲି ପୁଅ ଦକ୍ଷିଣା । କେତେ ଆଶା ମନ ଆଗରେ ଭାସି ଯାଉଛି ।

ହଠାତ୍ ଗର୍ଜିଉଠିଲା ପିସ୍ତଲ୍ । ଢ୍ୱୋ... ଢ୍ୱୋ.... ଢ୍ୱୋ । ହରିଆ ଟଳିପଡ଼ିଲା ଭୂଇଁରେ । ଯୁଧିଷ୍ଠିର ଥୟ ଧରି ରହିପାରିଲା ନାହିଁ । ହରିଆ ଉପରେ ଲୋଟିଗଲା ଆସ୍ତେ ଆସ୍ତେ । ଗୋଟିଏ ହାତ ଯୁଧିଷ୍ଠିର ପାଖକୁ ଆସିଲା । ହାତଟି ଯୁଧିଷ୍ଠିର ବେକକୁ ଧରି ମୋଡ଼ିଲା । ବିକଳରେ କାନ୍ଦିଉଠିଲା ଯୁଧିଷ୍ଠିର । ଅପ୍ରତିଭ ଭାବରେ ଏପରି ଘଟିଯିବ ବୋଲି ଭାବି ନ ଥିଲା ଯୁଧିଷ୍ଠିର । ଆତତାୟୀ ଆଗେଇ ଆସିଲା ପାଖକୁ । ହଠାତ୍ ଭୁସି ହୋଇଗଲା ଯୁଧିଷ୍ଠିର ଛାତି ଭିତରେ ଏକ ଛୁରା । ଗର୍ଜି ଉଠିଲା ଆତତାୟୀ - ହାଃ - ହାଃ - ହାଃ, ନେଇଛି - ନେଇଛି ମୋର ପ୍ରତିଶୋଧ, ନେଇଛି ମାତ୍ର ରହିଛି ସାବିତ୍ରୀ ।

ଯୁଧିଷ୍ଠିର କାନ୍ଦି କାନ୍ଦି କହିଲା - ସାବିତ୍ରୀ! କ'ଣ ହେବ ସାବିତ୍ରୀର ମୋ'ର ? ଯେ ମୋ'ତେ ଫୁଲର ବରଣମାଳା ଦେଇ, ବୋହୂ ସାଜି, ମୋ' କୋଳରେ ଲୋଟିଯାଇଥିଲା ସେ ମୋ'ର.....

– ମନେରଖ ଯୁଧିଷ୍ଠିର, ଆଜି ତୋ'ର ଜୀବନ ଶେଷ ହୋଇଯାଉଛି । ସ୍ୱର୍ଗରେ ଯାଇ ତୁ ତୋ'ର ସାବିତ୍ରୀର ଚରିତ୍ର ଦେଖିବାକୁ ପାଇବୁ ।

– ମରିଗଲି - ମରିଗଲି - ରକ୍ଷାକର । ଏହିଠାରୁ ମୋ'ର ଜୀବନ ଶେଷରେ ଦକ୍ଷିଣା । ବାପା ମୋ'ର, ଜୀବନ ଯିବାବେଳେ ଟିକିଏ ଦେଖା ଦେଏରେ ଦକ୍ଷିଣା । ଏହା କହୁ କହୁ ଚେତାଶୂନ୍ୟ ହୋଇଗଲା ଯୁଧିଷ୍ଠିର ।

ତା'ପରେ ତା'କୁ ଆତତାୟୀ ନେଇଗଲା

ଅନେକ ଦୂରକୁ ।

ସମୟ କାହାକୁ ଅପେକ୍ଷା କରେନାହିଁ । ଜଳସ୍ରୋତ ପରି ସମୟ ଗଡ଼ିଚାଲିଛି । ସାବିତ୍ରୀ ଗୋଟିଏ ପାଖରେ ବସି ଭାବୁଛି ତା'ର ସ୍ୱାମୀ କଥା । ସ୍ୱାମୀ ତା'ର ଆଜିକୁ ଏକ ବର୍ଷ ହେଲା ସ୍ୱର୍ଗକୁ ଗଲେଣି ଏକମାତ୍ର ପୁତ୍ର ଦକ୍ଷିଣାକୁ ଛାଡ଼ିଦେଇ ।

ପୋଲିସ୍ ଏହି ବୀଭତ୍ସ ଖୁନ୍‌ର ଦୋଷୀକୁ ଆଲୋକକୁ ଆଣିପାରି ନାହିଁ । ପୋଲିସ୍ ଶ୍ରୀକାନ୍ତ ବାବୁ ଏହାର ତଦନ୍ତରେ କିଛି ପାଉନାହାଁନ୍ତି । ଯେଉଁଠାରେ ଏ ବୀଭତ୍ସ ଖୁନ୍ ହୋଇଥିଲା ସେହି ବଣର ନାମ ବାଂଶବଣୀ । ଶ୍ରୀକାନ୍ତବାବୁ ଚାଲିଛନ୍ତି ସେହି ବାଂଶବଣୀ ପାଖକୁ କିଛି ଖବର ଆଶାରେ । ହଠାତ୍ କାହାର ଚିତ୍କାର ଶୁଭିଲା ।

– ବାପା ! ବାପା! ଦେଖାଦିଅ ବାପା! ଦୌଡ଼ିଗଲେ ଶ୍ରୀକାନ୍ତ ବାବୁ । ଖୁବ୍ ଜୋର୍‌ରେ ଧରି ପକାଇଲେ ସେହି ପିଲାଟିକୁ । ପୁଣି ଚିତ୍କାର କରିଉଠିଲା ସେହି ପିଲାଟି - ମୋ'ତେ ଛାଡ଼, ମୋ'ର ବାପା ହେଇ ଡାକୁଛି, ନା - ନା, ମୁଁ ଯିବି ବାପା! ବାପା!

ଶ୍ରୀକାନ୍ତବାବୁ ଅଳ୍ପ ହସି କହିଲେ - ଏ ପିଲା, ତୋ'ର ନାମ କ'ଣ ? ତୋ'ର ବାପାଙ୍କର ନାମ କ'ଣ ? କାହିଁକି ଏପରି ଚିତ୍କାର କରୁଛୁ ?

– ମୋ'ର ନାମ ଦକ୍ଷିଣା ଦାସ ଓ ବାପାଙ୍କର ନାମ ଯୁଧିଷ୍ଠିର ଦାସ ।

– ଆଚ୍ଛା, ପିଲା ତୋ'ର ଆଉ କ'ଣ କେହିନାହାନ୍ତି ?

– ହଁ ହଁ ଅଛନ୍ତି । ହେଲେ ସେ ମୋ'ର ମାଆ ।

– ମାଆ ତୋ'ତେ ଛାଡ଼ିଦେଇଛି ।

– ମୋ'ତେ ଘରୁ ବାହାର କରି ଦେଇଛନ୍ତି ।

ତା'ପରେ ଶ୍ରୀକାନ୍ତବାବୁଙ୍କ ସାଙ୍ଗରେ ଦକ୍ଷିଣା ମନଆନନ୍ଦରେ ସନ୍ଧାନୀ କକ୍ଷକୁ ଚାଲିଗଲା । ସାବିତ୍ରୀ ପାଖ ଘର ବଗିଚା ପାଖରୁ ଏକ ନିବିଡ଼ ଅନ୍ଧକାର ରାତିରେ ଯୁଧିଷ୍ଠିରର ଆତ୍ମା ଆଗେଇ ଆସିଲା ସାବିତ୍ରୀ କକ୍ଷ ମଧ୍ୟକୁ । ସାବିତ୍ରୀ ଶୋଇରହିଛି ଘର ମଧ୍ୟରେ ଏକା ।

ଶୂନ୍‌ଶାନ୍ ପରିବେଶ ମଧ୍ୟରେ ଶୁଭୁଥିଲା ଘଡ଼ିର ଟିକ୍... ଟାକ୍....ଟିକ୍....ଟାକ୍.... ଶବ୍ଦ । ହଠାତ୍ ଯେପରି ପବନ ବାହାରୁ ଖୁବ୍ ଜୋର୍‌ରେ କକ୍ଷ ମଧ୍ୟକୁ ପ୍ରବେଶ କଲା । ଝରକାର କବାଟ ଏକାଥରକେ ବନ୍ଦ୍ ହୋଇଗଲା । ଲଣ୍ଠନରୁ ଯେପରି ତେଲ କମି ଆସୁଥିଲା । ବତୀ ଲିଭି ଲିଭି ଆସୁଥିଲା, ଦପ୍ କରି ଆଲୁଅ ଲିଭିଗଲା । ଭୟରେ ସାବିତ୍ରୀର ଆଖିପତା ବୁଜି ହୋଇଗଲା । ଚୁପ୍‌ଚାପ୍ ବିଛଣା ଉପରେ ପଡ଼ିରହି ପରବର୍ତ୍ତୀ ଘଟଣା ପାଇଁ ଚାହିଁ ରହିଲା ।

ସାବିତ୍ରୀ ଖୁବ୍ ଜୋରରେ ଆଘ୍ରାଣ କରି ଜାଣିବାକୁ ଚାହିଁଲା କାଳେ କୌଣସି ବାଷ୍ପ କକ୍ଷ ମଧ୍ୟକୁ ପଶିଆସୁଛି । କିନ୍ତୁ କାହିଁ କୌଣସି ଗନ୍ଧ ବାରିପାରିଲା ନାହିଁ । କେବଳ ପ୍ରକୋଷ୍ଠରେ ପବନ ଅତିମାତ୍ରାରେ ବାରି ହୋଇଯାଉଥିବା ସେ ଅନୁଭବ କଲା । ସେଥିରେ ନିଶ୍ୱାସ ନେବା କଷ୍ଟକର ହୋଇପଡ଼ିଲା । କ୍ରମେ କ୍ରମେ ରାତି ବଢ଼ି ବଢ଼ି ଗଲା । ଶତ ଚେଷ୍ଟା କରିଲେ ସୁଦ୍ଧା ସେ ଜାଗ୍ରତ ହୋଇ ରହିପାରିଲା ନାହିଁ । ଏକ ଅନାହତ ଦୁର୍ବଳତାରେ ମୂର୍ଚ୍ଛିତ ହୋଇଗଲା ସେ ।

ଅନ୍ଧକାରକୁ ଭେଦକରି ଏକ କ୍ଷୀଣ ଆଲୋକ ବଗିଚା ମଧ୍ୟରୁ କ'କ୍ଷ ମଧ୍ୟକୁ ପ୍ରବେଶ କଲା । କ୍ରମେ ଜଣାଗଲା ବଗିଚା ମଧ୍ୟରୁ ଜଣେ କକ୍ଷ ମଧ୍ୟକୁ ପ୍ରବେଶ କରୁଛି ।

ଶୁଭ୍ର ବସ୍ତ୍ର ପରିହିତ ଯୁଧିଷ୍ଠିରର ଆତ୍ମା ଧୀରେ ଧୀରେ ନିକଟରୁ ନିକଟତର ହୋଇଆସିଲା । ଦୁଇ ହାତ ପାପୁଲିରେ ଧରିଥିଲା ଗୋଟିଏ ଜଳନ୍ତା ମହମବତୀ.... । କିନ୍ତୁ ଏ ଆଗମନକୁ ସାବିତ୍ରୀ ଜାଣିପାରି ନଥିଲା । କାରଣ ସେ ସେତେବେଳକୁ ବେହୋସ

ହୋଇଯାଇଥିଲା ।

ଏ ଆତ୍ମାର ଚଳନରେ ଏକ ଅସାଧରଣ ଭଙ୍ଗିମା ଲକ୍ଷ୍ୟକରାଯାଉଥିଲା । ସେ ଯେପରି ଶୂନ୍ୟରେ ଚାଲୁଥିଲା । ପାଦ ତାହାର ତଳକୁ ସ୍ପର୍ଶ କରୁ ନଥିଲା ।

ଆଗନ୍ତୁକ ଆତ୍ମାଟି ଜଳନ୍ତା ମହମବତୀକୁ ନିଜର ମୁଖ ନିକଟକୁ ଉଠାଇଲା ଓ ସେ ହସୁଥିଲା । ସେଥିରୁ ଯେପରି ସ୍ନେହ ଓ କରୁଣାର ଉତ୍ସ ଝରିପଡୁଥିଲା । ଧୀରେ ଧୀରେ ଗୋଟିଏ ହାତରେ ଏକ ବିଚିତ୍ର ଗୋଲକୁଣ୍ଡା ହୀରା ନେଇ ସାବିତ୍ରୀର ନାକ ପାଖରେ ଧରି ରଖିଲା ।

ସାବିତ୍ରୀର ଚୈତନ୍ୟ ଫେରିଆସୁଥିଲା । ସେ ଧୀରେ ଧୀରେ ଆଖି ପତା ଖୋଲିଲା । ଆଗନ୍ତୁକ ପୁରି ଥରେ ଜଳନ୍ତା ମହମବତୀଟିକୁ ନିଜର ମୁଖ ନିକଟକୁ ଉଠଇ ଦେଇଥିଲା ।

– କିଏ... କିଏ.... ସ୍ୱାମୀ .... ଦେବତା । ଫେରିଆସିଛ ସ୍ୱାମୀ ?

ସେହି ହସ ପୁଣି ଥରେ ଫୁଟିଉଠିଥିଲା ପ୍ରେତ ଯୁଧିଷ୍ଠିରର ଗୋଲାପି ଅଧରରେ ।

ଆତ୍ମବିଭୋର ହୋଇ ସାବିତ୍ରୀ ପାଦଧୂଳି ନେବାପାଇଁ ଉଦ୍ୟତ ହେଲା । ଦୀର୍ଘ ଏକ ବର୍ଷର ମାର୍ମାନ୍ତିକ ବିରହ ପରେ ସେ ପ୍ରାଣର ଦେବତାଙ୍କୁ ଫେରିପାଇଛି.... ।

ତା'ପରେ ଆଗନ୍ତୁକ ଆତ୍ମାଟି ସଙ୍ଗେ ସଙ୍ଗେ ଅଦୃଶ୍ୟ ହୋଇଗଲା, କିନ୍ତୁ ତା'ଆଗରେ ଏବେ ମାଧିଆ ଚାକର ଠିଆ ହୋଇଛି ।

– ଆରେ ମାଧିଆ, ମୋ'ର ପ୍ରାଣର ଦେବତା କୁଆଡ଼େ ଚାଲିଗଲେ ।

– ଏ କ'ଣ କହୁଛ ବୋହୂ ରାଣୀ ?

– ତୁ କ'ଣ କିଛି ଦେଖିନାହୁଁ ?

– ନା ବୋହୂ ମା' ।

ହଠାତ୍ ଘର ଆଗରେ ପୋଲିସ୍ ଗାଡ଼ି ଠିଆହେଲା । ଶ୍ରୀକାନ୍ତବାବୁଙ୍କ ସହ ଓହ୍ଲାଇଲା ପୁଅ ଦକ୍ଷିଣା । ଶ୍ରୀକାନ୍ତବାବୁ ସାବିତ୍ରୀ ଠାରୁ ଜମାନବନ୍ଦୀ ନେଲେ । ଅରବିନ୍ଦ ସେ ସାବିତ୍ରୀର ପ୍ରେମିକ ତାହା ପ୍ରମାଣିତ ହୋଇଗଲା । ଅରବିନ୍ଦ ତଥା ଦକ୍ଷିଣାର ରକ୍ତ ପରୀକ୍ଷାରୁ ଜଣାଯାଉଛି, ଦକ୍ଷିଣା ହେଉଛି କୁଆଁରୀ ସାବିତ୍ରୀର ଗର୍ଭରୁ ଅରବିନ୍ଦର ଔରସରୁ ସନ୍ତାନ ।

କନେଷ୍ଟବଳ ହାତକଡ଼ିଦିଆ ଅରବିନ୍ଦକୁ ଘର ମଧକୁ ନେଇଆସିଛି । ସାବିତ୍ରୀ ଚାହିଁରହିଛି ଅରବିନ୍ଦକୁ ଆଉ ଅରବିନ୍ଦ ମଧ ସାବିତ୍ରୀକୁ ।

ଲୁହ ଛଳଛଳ ଆଖିରେ ଦକ୍ଷିଣା କହିଚାଲିଛି - ବୋଉ, ମୁଁ ଏବେ ମୋ'ବାପାଙ୍କୁ ଖୋଜିପାଇଛି । ହେଲେ ସେ ଯେ ଖୁନି ଆସାମୀ । ସେ ଆମ ପାଖରେ ରହିପାରିବେ ନାହିଁ । ଆମେ ଏବେ କ'ଣ କରିବା ବୋଉ ?

ସାବିତ୍ରୀ ମୁହଁ ବିରସ କରି ପୋଲିସ୍‌ବାବୁର ଗୋଡ଼ତଳେ ପଡ଼ି କାନ୍ଦି କାନ୍ଦି କହୁଥିଲା - ମୁଁ ପାପିନୀ ଏଥିପାଇଁ ଦାୟୀ । ମୋ'ତେ ଦୟା କରନ୍ତୁ ବାବୁ, ମୋ'ପୁଅ ଦକ୍ଷିଣା ତା' ବାପାକୁ ପାଇପାରିଛି ମାନେ ମୁଁ ପାଇଯାଉଛି ମୋ' ସ୍ୱାମୀ । ହତ୍ୟାକାଣ୍ଡର ସାକ୍ଷୀମାନେ କିଛି ଦେଖିନାହାନ୍ତି, କିଛି ଜାଣିନାହାନ୍ତି । ମୋ'ତେ ଫେରାଇଦିଅ ମୋ'ର ଯୁଧିଷ୍ଠିରରୂପୀ ଅରବିନ୍ଦକୁ ।

ବିନା ସାକ୍ଷୀ ପ୍ରମାଣରେ ମୁକ୍ତ ହୋଇଗଲା ଅରବିନ୍ଦ । ଯମଖାନାରୁ ମୁକୁଳାଇ ଆଣି ଅତି ଆନନ୍ଦରେ ହସ ହସୁଥିଲା କଚେରି ପରିସରରେ ଏ ଯୁଗ ସାବିତ୍ରୀ ।

ଅନନ୍ତପୁର (ସୋର), ବାଲେଶ୍ୱର

୦୦୦

# ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଆ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡ. ବିଭୁଦତ୍ତ ଖଣ୍ଡାୟତରାୟ